

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୩ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 23 MARCH 2021
Vol.No. 32 ■ No. 78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜିଠୁ ମାଲକାନଗିରିରେ ନାଇଟ କର୍ଫ୍ୟୁ

### ମାର୍ଚ୍ଚ ୩୧ ଯାଏଁ ଲାଗୁ ହେଲା କଟକଣା



ମାଲକାନଗିରି / ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଆସନ୍ତାକାଲିଠୁ (ମଙ୍ଗଳବାର) ମାଲକାନଗିରିରେ ନାଇଟ କର୍ଫ୍ୟୁ ଲାଗୁ ହେବ । ମାର୍ଚ୍ଚ ୨୩ରୁ ୩୧ ଯାଏଁ ମାଲକାନଗିରିରେ ନାଇଟ କର୍ଫ୍ୟୁ ଲାଗୁ ପାଇଁ ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ରାତି ୯ରୁ ସକାଳ ୬ ଯାଏଁ ନାଇଟ କର୍ଫ୍ୟୁ ଜାରି ରହିବ । ସେଠାକାର ଲୋକପ୍ରିୟ ପର୍ବ ବଡ ଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନର ପକ୍ଷରୁ ଏହି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବଡ ଯାତ୍ରାରେ ସର୍ବାଧିକ ୨୦୦ ଲୋକଙ୍କୁ ଏକାଠି ହେବାକୁ ଅନୁମତି ଦିଆଯାଇଛି । ଏହାସହ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପାଳନ କରିବା ବାଧ୍ୟତାମୂଳକ କରାଯାଇଛି । ଯାତ୍ରା, ରାମଲୀଳା, ଦାଣ୍ଡିଆ ନାଚ ପରିବେଷଣ, ମୀନାବଜାର, ଫୁଡ ଷ୍ଟଲ, ପୋଷାକ ଆଦି ବିକ୍ରି ପାଇଁ ଅସ୍ଥାୟୀ ଷ୍ଟଲକୁ ମନା କରାଯାଇଛି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଲକାନଗିରିରେ ଆଗୁଆ ପଦକ୍ଷେପ ନିଆଯାଇଛି ।

## ଦୋଳ ମେଲଣ କୋଭିଡ କଟକଣାରେ ପାଳନ ହେବ : ବିଏମସି ଜାରି କଲା ନିର୍ଦ୍ଦେଶନାମା

ଭୁବନେଶ୍ୱର, ୨୨/୦୩ (ନି.ପ୍ର): କରୋନା ସଂଖ୍ୟା ବଢୁଥିବା କାରଣରୁ ଏଥର ରାଜଧାନୀ ଭୁବନେଶ୍ୱରରେ ଦୋଳ ପୂର୍ଣ୍ଣିମା କୋଭିଡ୍ କଟକଣାରେ ପାଳନ ହେବ । ଏନେଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମା ଅନୁଯାୟୀ ଦୋଳ ଯାତ୍ରାରେ ସର୍ବାଧିକ ୬ଜଣ ବ୍ୟକ୍ତିଙ୍କୁ ଅନୁମତି ମିଳିବ । ଯାତ୍ରାରେ ସାମିଲ ବ୍ୟକ୍ତି ମାସ୍କ ପିନ୍ଧିବା ବାଧ୍ୟତାମୂଳକ । ଦୋଳ ବିମାନ ଶୋଭାଯାତ୍ରା ଉପରେ ମଧ୍ୟ କଟକଣା ଲଗାଯାଇଥିବା ଜଣା ପଡିଛି । ଦୋଳ ବିମାନ ଗଲାବେଳେ କୌଣସି ପ୍ରକାରର ବାଦ୍ୟଯନ୍ତ୍ର ବାଜି ପାରିବନି । ମେଲଣ ପଡ଼ିଆରେ ୫୦ରୁ ୬୦ ଜଣଙ୍କୁ ଅନୁମତି ମିଳିବ । ମେଲଣ ପଡ଼ିଆରେ ୬ ଫୁଟ୍ ଦୂରତା ବଜାୟ ରଖିବେ । କୋଭିଡ୍ କଟକଣାରେ ମନ୍ଦିରରେ ନୀତିକାନ୍ତି ପାଳନ କରାଯିବ । ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ କଟକଣା ଭିତରେ ହୋଲି ଓ ମେଲଣ ଅନୁଷ୍ଠିତ ହେବ । ଗାଇଡଲାଇନ ଉଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି ପକ୍ଷରୁ କୁହାଯାଉଛି ।

## ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀ ଏବଂ ସାଢେ ୪ କୋଟି ଓଡିଆଙ୍କୁ ପ୍ରେରିତ କରିଛନ୍ତି ରାଷ୍ଟ୍ରପତି : ଧର୍ମେନ୍ଦ୍ର




ପୁରୀ/ଭୁବନେଶ୍ୱର, ୨୨/୦୩ (ନି.ପ୍ର): ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ପରେ ମହାମହିମ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏବଂ ଦେଶର ପ୍ରଥମ ମହିଳା ଶ୍ରୀମତି ସବିତା କୋବିନ୍ଦ ଶ୍ରୀମନ୍ଦିର ପ୍ରଶାସନକୁ ନିଜ ଦରମାରୁ ୧ ଲକ୍ଷ ଟଙ୍କା ସମର୍ପଣ ନିଧି ଅର୍ପଣ କରି ଶ୍ରୀମନ୍ଦିରର ବିକାଶ ପାଇଁ ଆଗେଇ ଆସିବାକୁ ବିଶ୍ୱର ସମସ୍ତ ଜଗନ୍ନାଥ ପ୍ରେମୀ ଓ ଓଡିଶାର ସାଢେ ୪ କୋଟି ଲୋକଙ୍କୁ ପ୍ରେରିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ମହାମହିମ ରାଷ୍ଟ୍ରପତି ଓ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲସହ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବାର ସୌଭାଗ୍ୟ ଲାଭ କରି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ମହାମହିମ ରାଷ୍ଟ୍ରପତିଙ୍କୁ ଶ୍ରୀମନ୍ଦିର ବିକାଶ ଅଭିଯାନରେ ସାମିଲ ହୋଇଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀମନ୍ଦିର ବିକାଶ ଅଭିଯାନରେ ମହାମହିମ ରାଷ୍ଟ୍ରପତି ▶▶ପୃଷ୍ଠା ୭

## ବର୍ଷେ ପରେ ପୁଣି ଫେରିଛି ମହାମାରୀ ଭୟ

### ରାଜ୍ୟରେ ବଢୁଛି କରୋନା ଆକ୍ରାନ୍ତ ସଂଖ୍ୟା, ପୁଣି ହେବ କି ଲକଡାଉନ ?



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଆଜିକୁ ଠିକ ବର୍ଷେ ତଳର ଏହି ଘଟଣାକୁ ନେଇ ସମସ୍ତଙ୍କ ଛାତିରେ ଛନକା ପଶିଥିଲା । ସେଦିନ ରାଜ୍ୟରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ, କିନ୍ତୁ ବିଶ୍ୱ ମହାମାରୀର ଆଶଙ୍କା ମାଡି ଆସୁଥିଲା । ବର୍ଷେ ପରେ ପୁଣି ଥରେ ଫେରିଛି ସେହି ଭୟ । ସବୁଠୁ ଚିନ୍ତାଜନକ କଥା ହେଉଛି, ଭୁବନେଶ୍ୱରର ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟର ୪୫ ଜଣ ଛାତ୍ରଛାତ୍ରୀ କରୋନା ସଂକ୍ରମିତ ହୋଇଛନ୍ତି । ନିକଟରେ ଏହି ଅନୁଷ୍ଠାନର କନଭୋକେସନ୍ ଉତ୍ସବ ଚାଲିଥିଲା, ରାଜ୍ୟ ବାହାରୁ ମଧ୍ୟ ଅନେକ ଛାତ୍ରଛାତ୍ରୀ ଭୁବନେଶ୍ୱର ଆସିଥିଲେ । ବିଏମସି କଂଟାକ୍ଟ ଟ୍ରେସିଂ କରୁଥିବା ବେଳେ କାହିଁକି ଏତେ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ, କାରଣ ଖୋଜା ଚାଲିଛି । ତେବେ ଗୋଟିଏ ଇନଷ୍ଟିଚ୍ୟୁଟରୁ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୪୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୮୯୬୩ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୬୧୨୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୮୬୭ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୬ ଜଣଙ୍କ ମଧ୍ୟରୁ ୮୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ▶▶ପୃଷ୍ଠା ୭

## ମାହାଙ୍ଗା ପ୍ରସଙ୍ଗକୁ ନେଇ ବିଧାନସଭାରେ ପୁଣି ହଙ୍ଗାମା

### ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବିରେ ବିରୋଧୀଙ୍କ ହଟଗୋଳ



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ବିଧାନସଭାରେ ହଙ୍ଗାମା । ୬ ଦିନ ଧରି ଧାନକିଣାକୁ ନେଇ ବିଧାନସଭା ଅଚଳ ହେବା ପରେ ଏବେ ଟାର୍ଗେଟରେ ଆଇନମନ୍ତ୍ରୀ ପ୍ରତାପ ଜେନା । ପ୍ରସଙ୍ଗ ହେଉଛି ମାହାଙ୍ଗା ଡବଲ ମର୍ଡର । ବିରୋଧୀ ଦଳ ନେତା ଅଭିଯୋଗ କରୁଛନ୍ତି, ଆଇନମନ୍ତ୍ରୀଙ୍କ ନାଁ ୧୩ତମ ମୁଦାଲା ଭାବେ ରହିଛି । ତେଣୁ ତାଙ୍କୁ ବହିଷ୍କାର କରାଯାଉ । କଂଗ୍ରେସ ମଧ୍ୟ ମନ୍ତ୍ରୀଙ୍କୁ ଟାର୍ଗେଟ କରିବାରେ ପଛରେ ରହିନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି କଥା ଉଠାଇବାରୁ ଜାନୁଆରୀ ୨ ତାରିଖରେ ମହାଙ୍ଗାରେ କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ଘଟଣାର ପାଖାପାଖି ଏକମାସପରେ ଡବଲ ମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଲା । ସେପଟେ ବିଧାନସଭାକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡକାଇଥିଲେ ବି ଏହା ଫେଲ ମାରିଛି ।

## ୨୪ ଘଂଟାରେ ସୁସ୍ଥ ହେଲେ ୮୨

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ରାଜ୍ୟରୁ ଗତ ୨୪ ଘଂଟା ମଧ୍ୟରେ ୮୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ ୩୩୬୨୦୬ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରି ଏହି ସୂଚନା ଦିଆଯାଇଛି । କଟକରୁ ୧୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ସୁନ୍ଦରଗଡ଼ରୁ ୧୩ଜଣ, ଖୋର୍ଦ୍ଧାରୁ ୧୨ଜଣ, ଯାଜପୁରରୁ ୭ଜଣ, ଗଞ୍ଜାମରୁ ୬ଜଣ, ମୟୁରଭଞ୍ଜରୁ ୬ଜଣ, ଅନୁଗୁଳରୁ ୫ଜଣ, ବଲାଙ୍ଗୀରରୁ ୩ଜଣ, କଳାହାଣ୍ଡିରୁ ୩ଜଣ, ସମ୍ବଲପୁରରୁ ୩ଜଣ, ବାଲେଶ୍ୱରରୁ ୨ଜଣ ଓ ବରଗଡ଼ରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଢେଙ୍କାନାଳରୁ ଜଣେ, ଝାରସୁଗୁଡ଼ାରୁ ଜଣେ, କେନ୍ଦୁଝରରୁ ଜଣେ, କୋରାପୁଟରୁ ଜଣେ, ନୂଆପଡ଼ାରୁ ଜଣେ ଓ ଷ୍ଟେଟପୁଲରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ପିପିଲି ଉପନିର୍ବାଚନ ପାଇଁ କାଲିଠୁ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ଆସନ୍ତାକାଲିଠାରୁ ଆରମ୍ଭ ହେବ ନାମାଙ୍କନ ପତ୍ର ଦାଖଲ । ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡାନ୍ତ କରିନଥିଲେ ବି ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ୩ ପ୍ରମୁଖ ରାଜନୈତିକ ଦଳ । ଗତଥର ଅପେକ୍ଷା ଏଥର ବ୍ୟବଧାନରେ ପିପିଲି ଜିତିବାକୁ ଦାବି କରିଛନ୍ତି ବିଜେଡି ବିଧାୟକ ଉମା ସାମନ୍ତରାୟ । ସେପଟେ ଗତଥରର ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ପୁଣିଥରେ ପିପିଲିରେ ପ୍ରାର୍ଥୀ କରିବାକୁ ଆପାତତଃ ସ୍ଥିର କରିଛି ବିଜେପି । କେବଳ ବିଜେପି ସଂସଦୀୟ ବୋର୍ଡର ସ୍ୱୀକୃତିକୁ ଅପେକ୍ଷା କରାଯାଉଛି । ସେହିପରି କଂଗ୍ରେସ କହିଛି ଦଳରେ ପ୍ରାୟ ୫ ଜଣ ସମ୍ଭାବ୍ୟ ପ୍ରାର୍ଥୀ ରହିଛନ୍ତି । ଏମାନଙ୍କୁ ଭିତରୁ ଯାହାକୁ ପ୍ରାର୍ଥୀ କରାଯିବ, ତାଙ୍କ ପାଇଁ ଦଳ ଜୋରାଦାର ପ୍ରଚାର କରିବ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ।

## ୪୫ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏକ୍ସଆଇଏମବି ସିଲ୍

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜାଭିଅର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟରେ ଅଧିକ ସଂଖ୍ୟାରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହି ଶିକ୍ଷାନୁଷ୍ଠାନକୁ ବିଏମସି ସିଲ୍ କରିଛି । ସେଠାରୁ ୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି । ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରି ଟ୍ରାକ୍ କରାଯାଉଛି ବୋଲି ଏସଆରସି କହିଛନ୍ତି । ସିଲ୍ ହେବା ପରେ ଏହି ଶିକ୍ଷାନୁଷ୍ଠାନ ଭିତରକୁ କେବଳ ବିଏମସି କର୍ମଚାରୀମାନଙ୍କୁ ପ୍ରବେଶ ଲାଗି ଅନୁମତି ଦିଆଯାଇଛି । ବିଏମ୍‌ସି ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ଛାତ୍ରଛାତ୍ରୀ ବା ସେମାନଙ୍କ ଅଭିଭାବକମାନଙ୍କୁ ଶିକ୍ଷାନୁଷ୍ଠାନ ଭିତରକୁ ପ୍ରବେଶ ଲାଗି ବାରଣ କରାଯାଇଛି । ଏହାଛଡ଼ା ଶିକ୍ଷାନୁଷ୍ଠାନର ସବୁ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କର ଆଜି କୋଭିଡ୍ ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମସ୍ତ ଆକ୍ରାନ୍ତଙ୍କୁ ଗୋଟିଏ ହଷ୍ଟେଲ ରୁମ୍‌ରେ ଆଇସୋଲେସନ୍‌ରେ ରହିବାକୁ ବି ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ବିଏମସି ପକ୍ଷରୁ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି ।

## ଘୋଷଣା ହେଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର

### 'ଛିଛୋରେ' ଶ୍ରେଷ୍ଠ ଫିଲ୍ମ, କଙ୍ଗନା ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ଓଡିଆ ଫିଲ୍ମ ତାଲିକାରେ ଶଳାବୁଢାର ବଦଲା, କାଲିର ଅତୀତ ଓ ଶ୍ରୀକ୍ଷେତ୍ରରୁ ସାହିଯାତ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଘୋଷଣା ହେଲା ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର । 'ଛିଛୋରେ' ଶ୍ରେଷ୍ଠ ଫିଲ୍ମ, ମଣିକର୍ଣ୍ଣିକା ପାଇଁ କଙ୍ଗନା ରଣାଓ୍ୱତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି । ଶ୍ରେଷ୍ଠ ଅଭିନେତା ଭାବେ ବିବେଚିତ ହୋଇଛନ୍ତି ମନୋଜ ବାଜପେୟୀ । ଭୋସଁଲେ ପାଇଁ ମନୋଜଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନ ମିଳିଛି । ସେହିପରି ଧନୁଷଙ୍କୁ ତାମିଲ ଅସୁରନ ପାଇଁ ଶ୍ରେଷ୍ଠ ଅଭିନେତା ଚୟନ କରାଯାଇଛି । ତେବେ ଜାତୀୟ ପୁରସ୍କାର ଦୌଡରେ କିଛି କମ ନାହିଁ ଓଡିଆ ସିନେମା । ଜାତୀୟ ସ୍ତରରେ ଓଡିଆ ଫିଲ୍ମ ଶ୍ରେଷ୍ଠ ବିବେଚିତ ହୋଇଛି । 'ଶ୍ରୀକ୍ଷେତ୍ରରୁ ସାହିଯାତ' ଶ୍ରେଷ୍ଠ କଳା ଓ ସାଂସ୍କୃତି ଫିଲ୍ମ । 'ଶଳା ବୁଢାର ବଦଲା' ଓ 'କାଲିର ଅତୀତ' ଶ୍ରେଷ୍ଠ ଓଡିଆ ଫିଲ୍ମ ମନୋନିତ ହୋଇଛି ।

## ରାଜ୍ୟରେ ମୁଣ୍ଡପିଛା ଋଣ ୨୩ ହଜାର ୫୨୪ ଟଙ୍କା

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଓଡିଶାରେ ମୁଣ୍ଡ ପିଛା ଋଣ ୨୩ ହଜାର ୫୨୪ ଟଙ୍କା ୮୨ ପଇସା । ରାଜ୍ୟର ସାମଗ୍ରୀକ ଋଣଭାର କେତେ ଓ ମୁଣ୍ଡପିଛା ଋଣ କେତେ ରହିଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରଶ୍ନ କରିଥିଲେ ଯେ, ରାଜ୍ୟର ସାମଗ୍ରୀକ ଋଣ ଭାର କେତେ ? ବୈଦେଶିକ ଋଣ କେତେ ? ଆଭ୍ୟନ୍ତରୀଣ ଋଣ ଓ ବ୍ୟାଙ୍କ ମାନଙ୍କରୁ ଋଣ କେତେ ? ସେହି ଆଧାରରେ ଏବେ ପ୍ରତ୍ୟେକ ଲୋକଙ୍କ ଉପରେ ମୁଣ୍ଡ ପିଛା ଋଣ କେତେ ? ଏହି ପ୍ରଶ୍ନର ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରି କହିଥିଲେ, ଜାନୁଆରୀ ମାସ ଶେଷ ସୁଦ୍ଧା ମୁଣ୍ଡ ପିଛା ଋଣ ଭାର ୨୩, ୫୨୪ ଟଙ୍କା ଅଟେ । ସେହିପରି ୨୦୦୯-୧୦ ଆର୍ଥିକ ବର୍ଷରେ ମୁଣ୍ଡ ପିଛା ହାର ୯,୧୮୦ ଟଙ୍କା ରହିଥିଲା । ଆମ ରାଜ୍ୟର ବର୍ତ୍ତମାନ ମୁଣ୍ଡପିଛା ଋଣଭାର ଅନ୍ୟ ପ୍ରମୁଖ ରାଜ୍ୟ ମାନଙ୍କ ତୁଳନାରେ ଯଥେଷ୍ଟ କମ ରହିଛି ।

## ୪ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

### ୨ ଜଣ ବରଖାସ୍ତ, ୨ ଜଣଙ୍କ ପେନସନ୍ ବନ୍ଦ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ୪ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ ସୋମବାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସରକାର । ଦୁଇ ଜଣଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଥିବା ବେଳେ, ଆଉ ଦୁଇ ଜଣଙ୍କର ପେନସନ୍ ସଂକ୍ରାନ୍ତୀୟ ସୁବିଧାକୁ ସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି । ବର୍ତ୍ତମାନ ମୟୁରଭଂଜ ଜିଲ୍ଲାର ଖୁଂଟାରେ କାର୍ଯ୍ୟରତ ତଥା ବଲାଙ୍ଗୀରର ଟିଟିଲାଗଡ ବ୍ଲକର ପୂର୍ବତନ ଏସଇଓ ବଳରାମ ସୁନା ଏବଂ ମହିଳା ଓ ଶିଶୁବିକାଶ ବିଭାଗର ଅନୁଗୁଳ ଜିଲ୍ଲା ଆଠମଲ୍ଲିକରେ କାର୍ଯ୍ୟରତ ଷ୍ଟାଟିଷ୍ଟିକାଲ ଆସିଷ୍ଟାଂଟ ବସନ୍ତ କୁମାର ସାହୁଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରୀରୁ ବରଖାସ୍ତ କରାଯାଇଛି । ସେହିପରି ଭୁବନେଶ୍ୱର ବିଇଡି ର ପୂର୍ବତନ ଡିଜିଏମ୍ ଇଲେକ୍ଟ୍ରିକାଲ ଦାମୋଦର ଦାସ ଏବଂ ଅବସରପ୍ରାପ୍ତ ପୋଲିସ ଏ.ଏସ୍.ଆଇ ଏମ୍. ଜଗନ୍ନାଥ ରାଓଙ୍କର ପେନ୍‌ସନ ଏବଂ ପେନ୍‌ସନଜନିତ ସୁବିଧାକୁ ସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି । ଦୁର୍ନୀତି ଅଭିଯୋଗରେ ଏହି ଦୁଇ ଅଧିକାରୀ ଅଦାଲତ ଦ୍ୱାରା ଅଭିଯୁକ୍ତ ହୋଇଥିଲେ । ଏହି ଚାରି ଜଣ ଅଭିଯୁକ୍ତଙ୍କୁ ମିଶାଇ ଗତ ଏକ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ୧୧୭ଜଣ ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇସାରିଛି ।

## ରାଜ୍ୟରେ କାୟା ମେଲାଉଛି କରୋନା

### ବୈଠକ ବସିବ, ମୁକାବିଲା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେବ



ଭୁବନେଶ୍ୱର, ୨୨/୦୩ (ନି.ପ୍ର): କିଛି ମାସ ବ୍ୟବଧାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବା, ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି । କରୋନାକୁ ନେଇ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ । ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଆଉ କିଛି ସମୟ ପରେ ବୈଠକ ଆରମ୍ଭ ହେବ । ବୈଠକରେ ଏସଆରସି, ସ୍ୱାସ୍ଥ୍ୟ ସଚିବ ଉପସ୍ଥିତ ରହି କରୋନା ମୁକାବିଲା ନେଇ ଆଲୋଚନା କରିବେ । ସମସ୍ତ ଜିଲ୍ଲାପାଳ ଏଠିରେ ସାମିଲ ହେବେ । କରୋନ ସଂପର୍କିତ ଗାଇଡଲାଇନକୁ କିଭଳି କଡାକଡି ଭାବେ ପାଳନ କରାଯିବ, କିଭଳି ସଂକ୍ରମଣକୁ ନିୟନ୍ତ୍ରଣ କରାଯିବ ସେନେଇ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରାଯିବ । କିଛି ମାସ ବ୍ୟବଧାନ ପରେ ଆଜି ରାଜ୍ୟରେ ସର୍ବାଧିକ ୧୪୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ତେବେ ଧିରେ ଧିରେ କରୋନା କାୟା ବିସ୍ତାର କରୁଥିବାରୁ ରାଜ୍ୟ ସରକାର ଏନେଇ ସତର୍କତା ଅବଲମ୍ବନ କରିଛନ୍ତି ।

# ବାଲେଶ୍ୱରର ବିଭିନ୍ନ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଶୁଭାରମ୍ଭ

ବାଲେଶ୍ୱର,୨୨।୩ (ନି.ପ୍ର): 'ମୋ ସ୍କୁଲ ଅଭିଯାନ'ର ସଫଳତା ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ଓ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାରେ ରବିବାର ଶୁଭାରମ୍ଭ ହୋଇଛି ମୋ କଲେଜ ଅଭିଯାନ। ପୁରାତନ ଛାତ୍ରଛାତ୍ରୀଙ୍କୁ କଲେଜ ସହ ଯୋଡ଼ିବା ଓ ଏହାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ରାଜ୍ୟର ୭୫୫ ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ପୁରାତନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନ ପାଇଁ ସ୍ୱତନ୍ତ୍ର ୱେବ ପୋର୍ଟାଲକୁ ଉଦଘାଟନ ପୂର୍ବକ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ପ୍ରତ୍ୟେକ କଲେଜର ଉନ୍ନତି ସହ ପୁରାତନ ଛାତ୍ରଛାତ୍ରୀଙ୍କ ଯୋଡିବା ପାଇଁ ମୋ କଲେଜ ନାମରେ କମିଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ । କଲେଜ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରଦାନ ଅର୍ଥର ଦୁଇଗୁଣା ଅର୍ଥ ରାଜ୍ୟ ସରକାର ସମ୍ପୃକ୍ତ ମହାବିଦ୍ୟାଳୟର 'ମୋ କଲେଜ ପାଣ୍ଠି'କୁ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କେବଳ ପୁରାତନ ଛାତ୍ରଛାତ୍ରୀ ନୁହଁନ୍ତି ବଦାନ୍ୟ ବ୍ୟକ୍ତିମାନେ ମଧ ମୋ କଲେଜ ଅଭିଯାନରେ ସାମିଲ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ। ଅନୁରୂପ ଭାବେ ସହର ସମେତ ବାଲେଶ୍ୱର ଜିଲାର ବିଭିନ୍ନ ମହା ବିଦ୍ୟାଳୟରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ସହ ପୋର୍ଟାଲ ଉଦଘାଟନ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ଯୋଗ ଦେଇ ହ୍ୱାଟ୍ସଆପ ଓ ୟୁଟୁବ ପ୍ରଭୃତି ଡିଜିଟାଲ ପ୍ଲାଟଫର୍ମରେ ଯୋଡ଼ି ହୋଇଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବଳାଙ୍ଗୀ କଲେଜ, ବାଲେଶ୍ୱର କଲେଜ ପ୍ରଭୃତିରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଦର ବିଧାୟକ ସ୍ୱରୂପ ଦାସ ଓ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସୀତାଂଶୁ ସାମଲ ବିଭିନ୍ନ କଲେଜ ପରିଦର୍ଶନ ସହ ମୋ କଲେଜ ଅଭିଯାନର ଆଭିମୁଖ୍ୟ ସମ୍ଭାବ୍ୟ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ମୋ ସ୍କୁଲ ଅଭିଯାନ ଭଳି ଏହାକୁ ମଧ୍ୟ ଅନୁରୂପ ସଫଳତା ମିଳିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ।

# ଜୟପୁର ସିଟି ହାଇସ୍କୁଲର ନୂତନ ମଂଚ ଉଦ୍‌ଘାଟିତ

ଜୟପୁର,୨୨।୩ (ନି.ପ୍ର): ଜୟପୁର ସିଟି ହାଇସ୍କୁଲ ରେ ମୋ ସ୍କୁଲ ଅଭିଯାନ ଦ୍ୱାରା ତିଆରି ହୋଇଥିବା ନୂତନ ମଂଚ ଉଦଘାଟିତ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ରାମ ଚନ୍ଦ୍ର ବିଷୋୟୀ ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ । ଏହି ମଂଚମୋ ସ୍କୁଲ ଦ୍ୱାରା ୩ ଲକ୍ଷ ଟଙ୍କା ଓ ପୁରାତନ ଛାତ୍ର ପରିଚାଳନା ସମିତି ଦ୍ୱାରା ୧.୫ ଲକ୍ଷ ଏପିର ମୋଟ ୪.୫ ଲକ୍ଷ ଟଙ୍କା ରେ ନିର୍ମିତ ହୋଇଛି । ବିଧାୟକ ବାହିନିପତି ବିଦ୍ୟାଳୟର ସବାଙ୍ଗିନ ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗୋଷ୍ଠି ଶିକ୍ଷାଧିକାରି ଶିକ୍ଷକ, ଶିକ୍ଷୟତ୍ରି ମାନଙ୍କ ଉଦମ୍ୟକୁ ପ୍ରଶଂସା କରିଥିଲେ। ଦଶମ ଶ୍ରେଣି ଛାତ୍ର ଛାତ୍ରୀ ଙ୍କ ସଫଳତା କାମନା କଲେ । କାଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବି .ସୁଜାତା ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କମିଟିର ସଦସ୍ୟ ଶଶୀ ପଟ୍ଟନାୟକ, କେ.ଶ୍ରିନିବାସ ରାଓ, ଜି. ଶ୍ରିନିବାସ ରାଓ କେ ରାମ ଗୋବିନ୍ଦ ନାୟକ, ସୁଧାକର ପଟ୍ଟନାୟକ ମୁରଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଦ୍ୱିତୀୟ ସଂଧ୍ୟାରେ ପାରମ୍ପାରିକ ସୁଫି କଲାମ ସହିତ ବଙ୍ଗଳା ସଙ୍ଗୀତ ନଜରୁଲ ଗୀତି ପରିବେଷଣ

ଭୁବନେଶ୍ୱର,୨୧।୩ (ନି.ପ୍ର): ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସୁଫିୟାନା ଓ ଆଧ୍ୟାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ର ଦ୍ୱିତୀୟ ସଂଧ୍ୟାରେ ଦେଖିବାକୁ ମିଳିଥିଲା ପାରମ୍ପାରିକ ସୁଫି କଲାମ ଏବଂ କାଜି ନଜୁରୁଲ ଇସଲାମଙ୍କ ଦ୍ୱାରା ରଚିତ ନଜରୁଲ ଗୀତି ।

ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ଜନାବ ରାଜବ ଅଲ୍ଲୀ ଭାରତୀଙ୍କ ଦ୍ୱାରା ପାରମ୍ପାରିକ ସୁଫି କଲାମ ପରିବେଷଣ । ସୁଫି କଲାମ ଏକ ଭକ୍ତି ଗୀତର ଏକ ରୂପ, ଯାହା ଆତ୍ମାଙ୍କ ଉନ୍ନତି ପାଇଁ ସାମା ମେହଫିଲରେ ଗାନ କରାଯାଏ । ଏହାର ଏକ ଦୀର୍ଘ ପରମ୍ପରା ରହିଆସିଛି ଯାହା କଓ୍ୱାଲି, କାଫି, ତରାନା, ଖାୟଲ ଏବଂ ଅନ୍ୟାନ୍ୟ ଧାରା ସହିତ ମିଶ୍ରିତ । ତାଙ୍କର ପ୍ରଥମ କଲାମ ଥିଲା ଇସ୍କ ମେ ନେହି ମିଲତା ଏବଂ ପରେ ପରେ ମନଓ୍ୱା ହୋ ୟା ଫକିର, ସଇୟାଁ ମୋରା ମୁଁ ସେ ବୋଲେ ନା, କି ଜାଣା ନା କୋଇ ରେ ବାବା, ସାଁସୋ କି ମାଲା ମେ ସିମରୁନ ମେ ତେରା ନାମ, ମୁଝେ ଖେର ମାଙ୍ଗା ଆଦି ପରିବେଷଣ କରିଥିଲେ । ଜନାବ ରାଜବ ଅଲ୍ଲି ଭାରତୀଙ୍କ ଗଜଲ ଏବଂ ସୁଫି ସଙ୍ଗୀତର ଚମତ୍କାର ଗାୟନ ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ତାଙ୍କ ସହ ଗିଟାରରେ ଶ୍ରୀ ହିତେଶ ମିଶ୍ର ଏବଂ ତବଲାରେ କୁମାର ଜେନା ଯୋଗ ଦେଇଥିଲେ ।

ସଂଧ୍ୟାର ଶେଷ ପରିବେଷଣ ଥିଲା ଡ଼କ୍ଟର ସୋହିନୀ ବସୁଙ୍କ ଦ୍ୱାରା ନାଜରୁଲ ଗୀତି । ନାଜରୁଲ ଗୀତି କବି କାଜୀ ନାଜରୁଲ ଇସଲାମଙ୍କ ଦ୍ୱାରା ଲିଖିତ ଏବଂ ରଚିତ ଗୀତଗୁଡ଼ିକୁ ସାଧାରଣ ଲୋକମାନଙ୍କ ଚିନ୍ତାଧାରା ଉପରେ ଲେଖିବା ବ୍ୟତୀତ ସେ ଦାର୍ଶନିକ, ଆଧ୍ୟାତ୍ମିକ ଏବଂ ରୋମାଂଟିକ ବିଷୟବସ୍ତୁ ଉପରେ ଗୀତ ମଧ ଲେଖିଥିଲେ । ତାଙ୍କର ରଚିତ ଗୀତ ବାଙ୍ଗଲାଦେଶ ଓ ଭାରତରେ ଲୋକମାନଙ୍କ ଦ୍ୱାରା ବେଶ ପରିଚିତ । ଡ଼କ୍ଟର ବସୁଙ୍କ ଦ୍ୱାରା ପରିବେସିତ ନାଜରୁଲ ଗୀତି ଦର୍ଶକମାନଙ୍କୁ ଏକ ଆଧ୍ୟାତ୍ମିକ ଓ ରୋମାଂଟିକ ମିଜାଜକୁ ନେଇଯାଇଥିଲା । ତାଙ୍କ ସହ ତବଲାରେ ଡ଼କ୍ଟର ତାପଶ ପାଲ, ହାରମୋନିୟମରେ ପିଂଟୁ ରୟ, ଗିଟାରରେ ଭବତୋଶ ମହାନ୍ତି ଏବଂ ତାନପୁରାରେ ଚନ୍ଦନ ଭଟ୍ଟାଚାର୍ଯ୍ୟ ଥିଲେ ।

ସଂଧ୍ୟାର ଅତିଥିମାନେ ଥିଲେ ଆଇ.ସି.ସି.ଆର.ର ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର; ଏଲ.ଆଇ.ସିର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ସିନ୍ଧୁବାଲା ଚୌଧୁରୀ ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଭାପତି ଅରବିନ୍ଦ ବେହେରା। କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ମୀରା ପଣ୍ଡା ।

# ସଦର ବିଜେଡି ପକ୍ଷରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ କୃତଜ୍ଞତା



ବାଲେଶ୍ୱର,୨୨।୩ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଭୋଟରଙ୍କ ବିପୁଳ ସମର୍ଥନକୁ ନେଇ ଦଳ ପକ୍ଷରୁ କୃତଜ୍ଞତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସଦର ବିଜେଡି ପକ୍ଷରୁ ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପ ପରିସରରେ ରବିବାର ଧନ୍ୟବାଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ସଭାପତତ୍ୱ କରିବା ସହିତ ଉପସ୍ଥିତ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପାରିତ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ପ୍ରତିଟି କ୍ଷେତ୍ରରେ ସଂଖ୍ୟାଲଘୁଙ୍କ ସମ୍ପୃକ୍ତି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରତିଶ୍ରୁତି ଅନୁସାରେ ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁଙ୍କ ସମେତ ବାଲେଶ୍ୱରବାସୀଙ୍କ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ପୂର୍ବତନ ବିଧାୟକ ଅରୁଣ ଦେ, ସବମାଜସେବୀ ତଥା ନାରୀନେତ୍ରୀ ସୁବାସିନୀ ଜେନା, ବିଜେଡି ଉପ-ସଭାପତି ଭୁବନାନନ୍ଦ ଦାସ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ତପନ ଚକ୍ରବର୍ତ୍ତୀ, ମନୋଜ ରାଉତ, ସନତ ଦାସ, ବସନ୍ତ କୁମାର ପଣ୍ଡା, ଶୁଭେନ୍ଦୁ ମଙ୍ଗରାଜ, ରଂଜନ ବାଗ, ଅଜୟ ସାମଲ, ଭାଗବତ ସାହୁ, ସିମନ ଦାସମହାପାତ୍ର, ତାପସ ପରିଡ଼ା, ସାହିରୁଲ ହକ, ଇନ୍ତେଖାବ ଅଲି ଖାଁ, ମୀନା ମହାନ୍ତି, ରଂଜିତା ମହାପାତ୍ର, ଶକ୍ତିପଦ ରାୟ, ଗିରୀଶ ଦାଶ, ମୋବାରକ ଖାଁ, ଶେଖ ରାଜୁ, ବିନୋଦ ପାଣି, ଶ୍ରଦ୍ଧାଞ୍ଜଳି ରାୟ, ଜାହାଙ୍ଗୀର ଅଲି ଖାଁ, ହାଇଦର ଅଲି ଖାଁଙ୍କ ସମେତ ବହୁ ବହୁ ବିଜେଡି କର୍ମୀ ଓ ସଂଖ୍ୟାଲଘୁ ନେତା ଏଥିରେ ଉପସ୍ଥିତ ଥିଲେ।

## ଜୟପୁରରେ ସ୍ୱଚ୍ଛତା ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୨୨।୩ (ନି.ପ୍ର): ଜୟପୁର ସହରରେ ରବିବାର ସ୍ୱଚ୍ଛତା ଦୌଡ ଅନୁଷ୍ଠିତ ହୋଇଛି । ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିବାହି ଅଧିକାରି ହେମକାନ୍ତ ସାୟଙ୍କ ନେତୃତ୍ୱରେ ଏହି ସ୍ୱଚ୍ଛତା ଦୌଡ ଅନୁଷ୍ଠିତ ହୋଇଛି । ସକାଳେ ସାଢେ ୬ ଟାରେ ଏହି ଦୌଡ ଜୟନଗର ଶିଶୁ ଉଦ୍ୟାନ ଠାରୁ ଆରମ୍ଭ ହୋଇଥିବା ବେଳେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବିର କୁମାର ନାୟକ ସବୁଜ ପତକା ଦେଖାଇ ଉଦଘାଟନ କରିଥିଲେ । ଏହି ଦୌଡ ଜୟନଗର ଶିଶୁ ଉଦ୍ୟାନ ଠାରୁ ଆରମ୍ଭ ହୋଇ ଜୟନଗର ଛକର ପଂଚାନନ ମନ୍ଦିର, ତାରିଣି ଛକ, ମୁଖ୍ୟ ରାସ୍ତା ଦେଇ ଟାଉନ ହଲ ନିକଟ ଚି ବିନୋଦନ କେନ୍ଦ୍ରରେ ଶେଷ ହୋଇଥିଲା । ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ଲୋକଙ୍କ ମଧ୍ୟରେ ପରିମଳ ଓ ସ୍ୱଚ୍ଛତାକୁ ସଚେତନ ସୃଷ୍ଟି କରିବା ପାଇଁ ଜୟପୁର ପୌରପାଳିକା ତରଫରୁ ଏପରି ଉଦ୍ୟମ ଆରମ୍ଭ କରାଯାଇଛି ।

## ଶାମଳ ଜଙ୍ଗଲରେ ଲାଗିଛି ନିଆଁ

ଭୁବନ,୨୨।୩ (ନି.ପ୍ର): ଭୁବନ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଶାମଳ ଜଙ୍ଗଲରେ ଆଜି ମଧ୍ୟାହ୍ନରେ କୌଣସି ଦୁର୍ବୃତ ନିଆଁ ଲଗାଇଦେଇ ଥିବାରୁ ଶହଶହ ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି । ଏ ସଂପର୍କରେ ଖବର ପାଇ ଭୁବନ ଫରେଷ୍ଟ ରେଞ୍ଜ ଅଫିସର ଅନୀତା ସେଠୀ ଙ୍କ ତତ୍ୱାବଧାନରେ ଦମକଳ ବାହିନୀ ଙ୍କ ସହାୟତାରେ ନିଆଁ ଲିଭାକାର୍ଯ୍ୟ ଜାରି ରହିଛି । ଆଜି ବିଶ୍ୱ ବନ ଦିବସ ଅବସରରେ ଜଙ୍ଗଲରେ ନିଆଁ ଲାଗିବା ଫଳରେ ପରିବେଶବିତ ମାନେ ଉଦବେଗ ପ୍ରକାଶ କରିଛନ୍ତି ।

## ବିଶ୍ୱ ବୃକ୍ଷରୋପଣ ଦିବସ ପାଳିତ

କୋରେଇ,୨୨।୩ (ନି.ପ୍ର): ବିଶ୍ୱ ବୃକ୍ଷରୋପଣ ଦିବସ ଅବସରରେ ପଥରପଦା ଲକ୍ଷ୍ମୀ ବିହାର ଯୁବକ ମାନଙ୍କ ଦ୍ୱାରା ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତକ୍ଷ୍ୟ ଦେବୀ ମା ନେଙ୍କୁରଶୁଣୀ ପୀଠରେ ଯୁବକ ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି । ରୁଦ୍ର ପ୍ରତାପ ପାଢୀଙ୍କ ନେତୃତ୍ୱରେ ରାହୁଲ କୁମାର ସାହୁ, ବିଶ୍ୱ ପ୍ରକାଶ ଜେନା, ଜ୍ୟୋତିଷ ବେହେରା, ବାଦଲ ସାହୁ, ରାଜେନ୍ଦ୍ର ଜେନା, ତନ୍ମୟ ମହାନ୍ତି, ଗୁଡୁ ଗିରି, ରିତିକ୍ ସାହୁ ପ୍ରମୁଖ ମାଙ୍କ ପୀଠରେ ବୃକ୍ଷରୋପଣ କରି ଆଜିର ଦିବସକୁ ପାଳନ କରିବା ସହ ବୃକ୍ଷ ଗୁଡିକୁ ବଂଚାଇବା ପାଇଁ ଶପଥ ଗ୍ରହଣ କରିଛନ୍ତି ।

# ମହିଳାଙ୍କୁ ସ୍ୱାବଲମ୍ବନ ପାଇଁ ମିଶନ ଶକ୍ତି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପଦକ୍ଷେପ

ଭୁବନେଶ୍ୱର,୨୨।୩ (ନି.ପ୍ର): ମହିଳାମାନେ ଆଉ ଆଗଭଳି ଘର କଣରେ ରହୁନାହାନ୍ତି । ସହରାଂଚଳରେ ବିଭିନ୍ନ ଗୋଷ୍ଠି ଭିତିକ କାର୍ଯ୍ୟରେ ସେମାନେ ସାମିଲ ହୋଇ ନିଜେ ସ୍ୱାବଲମ୍ବି ହେବା ସହିତ ଅନ୍ୟକୁ ବି ରୋଜଗାର ଯୋଗାଉଛନ୍ତି । ସେମାନଙ୍କୁ ଏ କ୍ଷେତ୍ରରେ ବାଟ ଦେଖାଇଛି ମିଶନ ଶକ୍ତି । ସହରାଂଚଳରେ ମିଶନ ଶକ୍ତି ସହଯୋଗରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅନନ୍ୟ କାର୍ଯ୍ୟପାଇଁ ଓଡିଶା ଏବେ ବିଶ୍ୱ ସ୍ତରରେ ପୁରସ୍କୃତ ହେବାରେ ଲାଗିଛି । ସହରାଂଚଳରେ ମିଶନ ଶକ୍ତିର ସଦସ୍ୟମାନେ ବଡି, ପାମ୍ପଡ ଠାରୁ ସେମାନଙ୍କର ଅଭିଯାନ ଆରମ୍ଭ କରି ଏବେ ସେପ୍ଟେଜ୍ ପ୍ଲାଂଟର ରକ୍ଷଣାବେକ୍ଷଣ ଭଳି ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମରେ ଜଡିତ ହେବା ଏବଂ ଅନ୍ୟାନ୍ୟ ପରିମଳ ଭିତ୍ତିକ କାର୍ଯ୍ୟରେ ସାମିଲ ହେବା ରାଜ୍ୟର ସହରାଂଚଳରେ ବିରାଟ ପରିବର୍ତ୍ତନ ଆଣିଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ଗୁଡିକର କାର୍ଯ୍ୟଶୈଳୀର ମାନବୃଦ୍ଧି ଅତ୍ୟନ୍ତ ଉଲ୍ଲେଖନୀୟ । ଗୃହ ଓ ନଗର ଉନ୍ନୟନ ବିଭାଗ ମିଶନ ଶକ୍ତି ଗୋଷ୍ଠିଗୁଡିକ ସହିତ ମିଶି ଓଡିଶାର ସମସ୍ତ ୧୬୭ ଆହାର କେନ୍ଦ୍ରର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମହିଳାମାନେ କରୁଛନ୍ତି । ରାଜ୍ୟ ସହରାଂଚଳ ବିକାଶ ସଂସ୍ଥା (ସୁଡା), ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଆହାର କେନ୍ଦ୍ର ଯେଭଳି ସୁରୁଖୁରୁରେ କାର୍ଯ୍ୟ କରିବ ସେଥିନେଇ ନିୟମିତ ମନିଟରିଂ କରାଯାଉଛି । ସହରାଂଚଳର ମହିଳାମାନଙ୍କୁ ସ୍ୱାବଲମ୍ବି କରିବାପାଇଁ ପାଇଁ ମିଶନ ଶକ୍ତି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପରେ ଯୋଡିହୋଇ ଯାଇଛି ଆଚାର ପ୍ରସ୍ତୁତି ।ମିଶନ୍ ଶକ୍ତି ଏସ୍×ଏଚ୍×ଜି ଗୁଡ଼ିକୁ ସଶକ୍ତିକରଣ ଦିଗରେ ଧୀରେ ଧୀରେ ଆଗକୁ ବଢିବା ସହିତଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ମିଶନ୍ ଶକ୍ତି ମହିଳା ଗୋଷ୍ଠି ଗୁଡ଼ିକୁ ଆଚାର ପ୍ରସ୍ତୁତି, ବ୍ୟବସାୟ ଓ ଏହାର ପରିଚାଳନାରେ ସମ୍ପୃକ୍ତି ଲାଗି ନିଷ୍ପତି ନେଇଛି। ଏଥିପାଇଁ ମିଶନ ଶକ୍ତି ଗୋଷ୍ଠି ଏବଂ କେନ୍ଦ୍ର ବିଜ୍ଞାନ ଓ ବୈଷୟିକଜ୍ଞାନ ମନ୍ତ୍ରାଳୟ ଅଧିନରେ ଥିବା କେନ୍ଦ୍ରୀୟ ଖାଦ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ପ୍ରତିଷ୍ଠାନ (ସିଏଫଟିଆରଆଇ) ସହିତ ରାଜିନାମା ହୋଇଛି । ଆଚାର ପ୍ରସ୍ତୁତି ସଂକ୍ରାନ୍ତରେ ଏହି କେନ୍ଦ୍ରୀୟ ପ୍ରତିଷ୍ଠାନ ଜ୍ଞାନକୌଶଳ ଯୋଗାଇଦେବ । ଆହାର କେନ୍ଦ୍ରଗୁଡିକରେ ଗରମ ଭାତ ଓ ଡାଲମା ସହିତ ଆଚାର ଯୋଗାଇବାପାଇଁ ପ୍ରକ୍ରିୟା ଆଗେଇ ଚାଲିଛି । ମିଶନ ଶକ୍ତିର ମହିଳା ସଦସ୍ୟ ଓ ଆହାର କେନ୍ଦ୍ରର ସଦସ୍ୟଙ୍କୁ ନେଇ ଏକ ୧୧ଜଣିଆ ଦଳ ସିଏସ୍ଆରଆଇ ପରୀକ୍ଷାଗାର ପରିଦର୍ଶନ କରିଥିବା ବେଳେ ସିଏଫଟିଆରଆଇର ବୈଜ୍ଞାନିକମାନେ ସେମାନଙ୍କ କେନ୍ଦ୍ରରେ ମାର୍ଚ୍ଚ ୧୭ ଓ ୧୮ ତାରିଖରେ ମହିଳା ଗୋଷ୍ଠିର ସଦସ୍ୟମାନଙ୍କ ପାଇଁ ଦୁଇ ଦିନିଆ ପ୍ରଶିକ୍ଷଣ ଓ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହି ଗସ୍ତର ମୂଳ ଉଦ୍ଦେଶ୍ୟ ହେଉଛି ଆଚାର ଉତ୍ପାଦନରେ ମିଶନ ଶକ୍ତି ଗୋଷ୍ଠିକୁ ଜ୍ଞାନକୌଶଳ ଯୋଗାଇଦେବା, ମିଶନ ଶକ୍ତି ଗୋଷ୍ଠୀର ଦକ୍ଷତାକୁ ବୃଦ୍ଧି କରିବା ଯାହାଫଳରେ ସିଏଫଟିଆରଆଇ ରୁ ଓଡିଶା ରାଜ୍ୟ ମିଶନ୍ ଶକ୍ତି ଗୋଷ୍ଠିର ମହିଳାଙ୍କ ନିକଟକୁ ଆସିବ ଏବଂ ବ୍ୟବସାୟ ପରିବେଶରେ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ପାଇଁ ମଧ ଲକ୍ଷ୍ୟ ରଖିବ ।ଏହି ପରିଦର୍ଶନ ସମୟରେ ସଦସ୍ୟମାନେ ଏକ ନୂତନ ଅନୁଭୂତି ଓ ଜ୍ଞାନକୌଶଳ ପାଇବେ ଏବଂ ଆଚାର ଉତ୍ପାଦନ ପ୍ରକ୍ରିୟାରେ ସେମାନଙ୍କର ଦକ୍ଷତା ବିକାଶ କରିବା ସହିତଖାଦ୍ୟ ନିରାପତ୍ତା ଏବଂ ସ୍ୱଚ୍ଛତା ମାନକ ଅନୁସରଣ କରିବେ ଏବଂ ବ୍ୟବହାର ହେବାକୁ ଥିବା ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ସଂକ୍ରାନ୍ତରେ ବୁଝିପାରିବେ । ମିଶନ ଶକ୍ତି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଏହି ଅଭିନବ ପଦକ୍ଷେପ ଆଗାମୀ ଦିନରେ ରାଜ୍ୟର ମହିଳାମାନଙ୍କୁ ଜଣେ ଜଣେ ଉଦ୍ୟୋଗୀଭାବେ ଗଢି ତୋଳିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

## ବୈତରଣୀ ଆଂଚଳିକ ପରିଷଦ ବୈଠକ ଓ ସଫେଇ କାର୍ଯ୍ୟକ୍ରମ

କୋରେଇ,୨୨।୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ରୁଦ୍ର ନାରାୟଣ ମନ୍ଦିର ପରିସରରେ ବୈତରଣୀ ଆଂଚଳିକ ପରିଷଦର ବୈଠକ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରଦା ହାଟ ପରିସର ସଫେଇ ପରେ ମନ୍ଦିରରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକକୁ ପ୍ରଦୀପ ପ୍ରଜ୍ୱଳନ କରି ବରିଷ୍ଠ ଉପଦେଷ୍ଟା ସନାତନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ପରିଷଦର ପ୍ରତିଷ୍ଠାତା ବ୍ରଜ କିଶୋର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାର୍ଷିକ ଉତ୍ସବ ଓ ଅଗାମୀ ଦିନର କାର୍ଯ୍ୟପନ୍ଥା ସର୍ମ୍ପକରେ ଆଲୋଚନା କରାଯାଇଥିଲା । ବ୍ୟକ୍ତିଗତ ସ୍ତରରେ ସାହମୂହିକ ସ୍ତରରେ କରଯାଇ ଥିବା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ସଂଗଠନକୁ ସୁଦୃଢ କରିବା ପାଇଁ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମ୍ପାଦକ କାଳନ୍ଦୀ ଚରଣ ଯେନା ବିବରଣୀ ପ୍ରଦାନ କରିଥିଲେ । ଉପସଭାପତି ପ୍ରେମାନନ୍ଦ ପାଲ, ବଲ୍ଲବାନନ୍ଦ ପଣ୍ଡା, ରାମକୃଷ୍ଣ ମଲିକ, ରାମ ଚନ୍ଦ୍ର ବେହେରା. ମନୋରଂଜନ ନାୟକ, ଶାନ୍ତିଲତା ପଣ୍ଡା, ଗୋପନ କିଶୋର ଯେନା, ନାରାୟଣ ପତ୍ରୀ, ଗୋପବନ୍ଧୁ ବଳିୟାର ସିଂହ. ଅମୂଲ୍ୟ ବେହେରା, ମାଗୁଣି ଚରଣ ମହାପାତ୍ର, , ଗୋକୁଳ ସାହୁ, ପ୍ରଭାତ ସିଂହ, ମହେନ୍ଦ୍ର ବେହେରା, ରମେଶ ଯେନା. ପ୍ରଶାନ୍ତ ସାହୁ, ଧ୍ରୁନ ସିଂହ, ଅନନ୍ତ ନାରାୟଣ ସିଂହ, ଅଚୁତ୍ୟ ସାହୁ. ଶିବ ଯେନା, ଧର୍ମେନ୍ଦ୍ର ନାୟକ, ଆନନ୍ଦ ଯେନା, ନରେନ୍ଦ୍ର ପାଣି, ଲକ୍ଷ୍ମୀଧର ଖିଲାର, ଓ ସୁରେନ୍ଦ୍ର ପାଣି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ରାଜ୍ୟସ୍ତରୀୟ କୃଷକ ଅଧିକାର ଅଭିଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୨୨।୩ (ନି.ପ୍ର): ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ସଂଯୁକ୍ତ କିଷାନ ମୋର୍ଚ୍ଚା, ଓଡିଶା ପକ୍ଷରୁ ଦିଲ୍ଲୀଚଲୋ କୃଷକ ଆନ୍ଦୋଳନକୁ ସମର୍ଥନ କରି ଏକ ଅଭିଯାତ୍ରୀ ଦଳ ରାଜ୍ୟ ପରିକ୍ରମା କରିବା ସହ ରବିବାର କେନ୍ଦ୍ରାପଡାରେ ପହଁଚିଥିଲେ । କେନ୍ଦ୍ରାପଡା ସହର ର ଗରାପୁର ସ୍ଥିତ ଗାନ୍ଧୀମୁର୍ତ୍ତି ନିକଟରେ ରବିବାର ଅପରାହ୍ନରେ ସେହି କୃଷକ ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଏକ ବିରାଟ ମଟର ସାଇକେଲ ପଟୁଆରା ରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସଭା ମଣ୍ଡପକୁ ପାଛୋଟି ଅଣାଯାଇ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ୩ଟି କଳା କୃଷି ଆଇନକୁ ବାତିଲ କରିବା, କୃଷି କ୍ଷେତ୍ରକୁ କରପୋରେଟ ହାତରେ ଟେକିଦେବା ଚକ୍ରାନ୍ତକୁ ପଣ୍ଡ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ଅସାଧୁ ସଂଶୋଧନ ରଦ୍ଦ କରିବା, ସରକାରୀ ମଣ୍ଡି ବ୍ୟବସ୍ଥାର ଉଚ୍ଛେଦ କରି ଘରୋଇ ମଣ୍ଡିକୁ ନିରଙ୍କୁଶ କ୍ଷମତା ପ୍ରଦାନ କରିବା ନିଷ୍ପତି ପ୍ରତ୍ୟାହାର କରିବା, ଜନ ବିରୋଧୀ ନୂତନ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର କରିବା, କମ୍ପାନୀ ଦ୍ୱାରା ଠିକାଚାଷ ବାତିଲ କରିବା ପରିପ୍ରେକ୍ଷୀରେ ଏହି ରାଜ୍ୟସ୍ତରୀୟ ଯାତ୍ରା ରାଜ୍ୟର ବିଭିନ୍ନ ଅଂଚଳ ପରିକ୍ରମା କରିଛି । ଆଜିର ସଭାରେ ଉମେଶ ଚନ୍ଦ୍ର ସିଂହ, ପ୍ରଫୁଲ୍ଲ କୁମାର ଦାସ, ଆଦିକନ୍ଦ ରାଉଳ, ପ୍ରକାଶ ମଲିକ ଓ ଗଣେଶ୍ୱର ମହାନ୍ତିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳି ସଭା ପରିଚାଳନା କରିଥିଲେ । ଏହି ସଭାରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ଜିଲ୍ଲା ଆବାହକ ଗୟାଧର ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଖିଳ ଭାରତ କୃଷକ ସଭାର ଜିଲ୍ଲା ନେତା ରମଣୀ ରଞ୍ଜନ ରାଉତରାୟ ଯାଠାର ଅଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କୃଷକ ଆନ୍ଦୋଳନକୁ ସମର୍ଥନ କରି ବକ୍ତବ୍ୟ ରଖିବା ସହିତ କୃଷକ ସଭାର ରାଜ୍ୟ ସାଧାରଣ ସଂପାଦକ ସୁରେଶ ପାଣିଗ୍ରାହୀ, ଶଶି ଭୂଷଣ ସ୍ୱାଇଁ, ଉଧବ ଜେନା, ଶଙ୍କର ସାହୁ, ବାସୁଦେବ ଦାସ, ନରେନ୍ଦ୍ର ମହାନ୍ତି, ମୁକ୍ତାର ଖାନ, ଜଗତଜୀବନ ଦାସ, ଏଲିନା ସାମନ୍ତରାୟ, ମହମ୍ମଦ ଆକବର ଅଲ୍ଲୀ, ଫକିର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ମାଧବ ଦାସ, ଅଧ୍ୟାପକ ଅଜୟ ସାମଲ, ସୁହାନା ବେଗମ, ସୁକାନ୍ତ ରାଉତ, ଚିତ୍ରସେନ ପରିଡା, ଦାଶରଥୀ ସାହୁ, ନିର୍ମଳ ସିଂହ, ଅଭିଯାତ୍ରୀ ଦଳ ପକ୍ଷରୁ ଜମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ହରିଶ୍ଚ ଚନ୍ଦ୍ର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଏନିମାଲ କ୍ୱୁଏଲିଟି ଆକ୍ଟର ବ୍ୟାପକ ଉଲଙ୍ଘନ

## ୬୦ନଂ ଜାତୀୟ ରାଜପଥରେ ପଶ୍ଚିମବଂଗକୁ ବେଧଡକ୍ ଗୋ ଚାଲାଣ : ପ୍ରଶାସନର ନାହିଁ ନିଘା

ଜଳେଶ୍ୱର,୨୨।୩ (ନି.ପ୍ର): ରାଜ୍ୟର ବିଭିନ୍ନ ଅଂଚଳରୁ ବେଆଇନ୍‌ଭାବେ ବିଭିନ୍ନ ରାକେଟ ଦ୍ୱାରା ପଶ୍ଚିମବଂଗର କଂସେଇଖାନାକୁ ପ୍ରତିଦିନ ଗୋ ଚାଲାଣ ହୋଇ ଆସୁଛି । ଏଥିରେ ପ୍ରଶାସନ, ରାଜନେତାଙ୍କ ସଂପୃକ୍ତି ଥିବା ବେଳେ ବ୍ୟାପକ ଦାଦା ବଟି ଆଦାୟ ହୋଇ ଆସୁଛି । ଏନିମାଲ କ୍ୱୁଏଲିଟି ଆକ୍ଟର ବ୍ୟାପକ ଉଲଙ୍ଘନ ହୋଇ ଗୋ ଚାଲାଣ ହେଉଥିବା ବେଳେ ୬୦ନଂ ଜାତୀୟ ରାଜପଥ ନିକଟରେ ଥିବା ଥାନା ଗୁଡିକର ସ୍ୱଚ୍ଛତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରୁଛି । ଓଡିଶାରୁ ଅନ୍ୟ ରାଜ୍ୟକୁ ଗୋ ଚାଲାଣ ବେଆଇନ୍ ଥିବା ବେଳେ ୧୯୮୦ ମସିହାରେ ରାଜ୍ୟ ସରକାର ଆନିମାଲ କ୍ୱୁଏଲିଟି ଆକ୍ଟ ପ୍ରଣୟନ କରିଛନ୍ତି । ଫଳରେ ଗୃହପାଳିତ ପଶୁ ଓ ପକ୍ଷୀକୁ ଅମାନବୀୟଭାବେ ପରିବହନ କରାଯାଇ ପାରିବ ନାହିଁ । ମଟର ଭେଇକିଲ ଆଇନ୍ ଅନୁଯାୟୀ ଏକ ୬ଚକିଆ ଟ୍ରକ୍‌ରେ ୬ଟି, ପିକ୍‌ଅପ୍‌ରେ ୪ଟି ଏବଂ ୧୦ଚକିଆ ଯାନରେ ୧୨ଟି ଗୋରୁ ପରିବହନ ହେବାର ନିୟମ ଥିଲାବେଳେ ଏବେ ଗୋ ଚାଲାଣ ରାକେଟ କଣ୍ଟେନର ଦ୍ୱାରା ଶହେରୁ ଏକଶହ କୋଡିଏ ପର୍ଯ୍ୟନ୍ତ ଗୋରୁ ଲଦାଲଦି କରି ପରିବହନ କରାଯାଉଛି । ପ୍ରଶାସନର ନଜର ହଟାଇବାଲାଗି ଡାକ ପାର୍ସଲ ଲେଖା ଥିବା କଣ୍ଟେନର ମଧ୍ୟରେ ଅସ୍ଥାୟୀ ଛାତସୃଷ୍ଟି କରି ଗୋରୁ ଗୁଡିକୁ ଓଡିଶାରୁ ପଶ୍ଚିମବଂଗର କଂସେଇ ଖାନାକୁ ପଠାଯାଉଛି । କେତେକ ଗୋରୁ ଗାଡି ଭିତରେ ଶୋଇ ରହିଥିବା ବେଳେ ଅନ୍ୟ କେତେକଙ୍କୁ ଟାଙ୍ଗି ଝୁଲାଇ ରଖା ଯାଉଛି । ଏପରି ଚାଲାଣ ଦୀର୍ଘଦିନରୁ ଚଳି ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ଚାନ୍ଦା ଆଦାୟ ହୋଇ ଆସୁଛି । ଏହି ଦାଦା ମାନେ ମୋଟା ଅଂକରେ ଅର୍ଥନେଇ ଗୋରୁ ଗାଡି ଗୁଡିକୁ ସୁରକ୍ଷା ଦେବାପାଇଁ ଆଗରେ ଏସ୍କଟ ଦେଇଥାନ୍ତି । ୬୦ନଂ ଜାତୀୟ ରାଜପଥ କଡେ ବହୁ ଥାନା ଥିବା ବେଳେ ସେଥିପ୍ରତି କାହାରି ନଜର ନାହିଁ । ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ ରାଜପଥର ଲକ୍ଷ୍ମଣନାଥ ଉପାନ୍ତ ଟୋଲ ପ୍ଲାଜା ନିକଟରେ ବ୍ୟାପକ ଚାନ୍ଦା ଆଦାୟ, ରାହାଜାନୀ ହୋଇ ଆସୁଛି । ପୂର୍ବରୁ ସେଠାରେ ପାସିଂ ଅଫିସ୍ କରି ଲୁଟୁଥିବା ସ୍ଥାନୀୟ ଯୁବକମାନେ ଏବେ ଜଳେଶ୍ୱର ଥାନାର କେତେକ ହୋମଗାର୍ଡ ମାନଙ୍କ ମଧୁଚନ୍ଦ୍ରିକାରେ ଏପରି ବେଆଇନ୍ କାର୍ଯ୍ୟ ଚଳାଇ ଆସୁଛନ୍ତି । ଫଳରେ ଏଠାରେ ବେଳେ ବେଳେ ଟ୍ରକ୍ ହାଇଜାକ୍ କିମ୍ବା ଡ୍ରାଇଭରଙ୍କୁ ନିଶା ଖୁଆଇ ମର୍ଡର କରିବାକୁ ପଛାଉନାହାନ୍ତି । ପ୍ରତିଦିନ ବିଳମ୍ବିତ ରାତ୍ରିରେ ଏପରି ଗାଡିଗୁଡିକ ଟୋଲପ୍ଲାଜା ପାସ୍ କରି ପଶ୍ଚିମବଂଗକୁ ଯାଉଥିବା ବେଳେ ରବିବାର, ମଂଗଳବାର ଓ ଗୁରୁବାର ଦିନ ଅଧିକ ସଂଖ୍ୟାରେ ଯାଇଥାଏ । ପୂର୍ବରୁ କେତେକ ସଂଗଠନ ଏପରି ଘଟଣାର ବିରୋଧ କରୁଥିବା ବେଳେ ଏବେ ସେମାନେ ଚୁପ୍ ରହିବା ଯୋଗୁଁ ବହୁ କଥା ଶୁଣିବାକୁ ମିଳୁଛି । ଏପରି ଗୋ ଚାଲାଣ ଚାଲିଲେ ଓଡିଶା ଦିନେ ଗୋ ଶୂନ୍ୟ ହୋଇ ଯିବ ବୋଲି ବହୁ ଅଭିଜ୍ଞ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି । ଏପରିକି ଗୋରୁ ଗୁଡିକ ଯାନ ମଧ୍ୟରେ ମରିଗଲେ ରାସ୍ତା କଡ କିମ୍ବା ନଦୀ ମଧ୍ୟକୁ ଫୋପାଡି ଦିଆଯାଉଥିବା ଦେଖିବାକୁ ମିଳିଛି । ଉପାନ୍ତ ଅଂଚଳ ଗୁଡିକରେ ଏପରି ବେଆଇନ୍ ଚାଲାଣ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରିବା ସହ ଏହି ସବୁ ଉପକାରୀ ଗୁଣରେ ଭରପୁର ଗୁଜୁରାତି...

ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଗୁଜୁରାତି । ମସଲାରେ ସୁଗନ୍ଧ ବଢାଏ ଗୁଜୁରାତି । ଏହି ଗୁଜୁରାତିରେ ବହୁ ଔଷଧୀୟ ଗୁଣ ରହିଛି । ଏହା ଶରୀରକୁ ବହୁ ରୋଗରୁ ରକ୍ଷା କରିଥାଏ । ଏଥିରେ ମାୟକେନିନ, ଲାଇମୋନିନ, ମେନନ୍ଥୋଫୋନ, ଅଲ୍ଫା ଟେରପିନାଲ ରହିଛି । ତେବେ ଗୁଜୁରାତିର ସବୁଠୁ ବଡ ଉପକାରିତା ହେଉଛି ଏହା ଦାନ୍ତରେ ପୋକ ଲାଗିବା ଦାଉରୁ ରକ୍ଷା କରେ । ଏହା ସହ ଓଜନ ହ୍ରାସ କରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ରକ୍ତଚାପ, ମଧୁମେହ, ଏବଂ ମୁଖ କ୍ୟାନସର ଭଳି ରୋଗ ଦାଉରୁ ରକ୍ଷା କରେ ।

## ତେବେ ଜାଣନ୍ତୁ ଗୁଜୁରାତିର ଉପକାରିତା ବିଷୟରେ



**ଦାନ୍ତରେ ପୋକ ଲାଗିବାରୁ ରକ୍ଷା କରେ:** ଗୁଜୁରାତିରେ ବହୁ ପ୍ରକାରର ପୋଷକ ତତ୍ତ୍ୱ ରହିଛି । ଏହା ଦାନ୍ତକୁ ପୋକ ଲାଗିବାରୁ ରକ୍ଷା କରେ । ଏଥିରେ ଥିବା ଫାଇଟୋକେମିକାଲ, ଏକ ଶକ୍ତିଶାଳୀ ଆଣ୍ଟିସେପଟିକ୍ ବ୍ୟାଟେରିଆ ମାରିବାରେ ସହାୟକ ହୁଏ । ଏତଦ୍ ବ୍ୟତୀତ ମୁଖ ଦୁର୍ଗନ୍ଧ ମଧ ଦୂର କରେ ।

**ପାଚନ କରିବାରେ ସହାୟକ ହୁଏ:** ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ଭାବରେ ହୋଇଥାଏ । ଏହା ଓଜନ ହ୍ରାସ କରିବାରେ ସହାୟକ ହୁଏ ।

**କାଶ-ଥଣ୍ଡା ପାଇଁ ଲାଭଦାୟକ:** ଗୁଜୁରାତି ଖାଇବା ଦ୍ୱାରା କାଶ-ଥଣ୍ଡା ଭଲ ହୋଇଥାଏ । ଏଥିପାଇଁ ରାତିରେ ଶୋଇବା ପୂର୍ବରୁ ଏକ ଗ୍ରାମ ଗୁଜୁରାତି ଗୁଣ୍ଡ ମହୁ ସହ ମିଶାଇ ଖାଆନ୍ତୁ । ଦୁଇରୁ ତିନି ଦିନ ଖାଇବା ଦ୍ୱାରା କାଶ ଥଣ୍ଡା ଭଲ ହୋଇଥାଏ ।

**ରକ୍ତଚାପ ନିୟନ୍ତ୍ରଣ କରେ:** ଗୁଜୁରାତି ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ରୁହେ । ଏଥିରେ ଥିବା ପୋଟାଶିୟମ, ମାଗ୍ନେସିୟମ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ ।

**ନଂପୁଂଶକତା ଦୂର କରିବାରେ ସହାୟକ ହୁଏ-** ଗୁଜୁରାତି କାମୋତେଜକ ହୋଇଥାଏ । ଏହା ନଂପୁଂଶକତା ଦୂର କରିବାରେ ସହାୟକ ହୋଇଥାଏ ।

# ଚିତ୍ର ଆଙ୍କି ଲକ୍ଷାଧିକ ଟଙ୍କା ରୋଜଗାର କରୁଛି ଘୁଷୁରୀ



ଚିତ୍ର ଆଙ୍କିବାକୁ ଅନେକ ନିଜ ପେଶା ଭାବେ ଗ୍ରହଣ କରିଥାନ୍ତି । କିନ୍ତୁ ଏକ ପଶୁ ଚିତ୍ର ଆଙ୍କି ଲକ୍ଷ-ଲକ୍ଷ ଟଙ୍କା ରୋଜଗାର କରୁଥିବା ଆପଣ ଶୁଣିଛନ୍ତି କି ? ଅବିଶ୍ୱାସ ହେଉଥିଲେ ବି ଏହା ସତ । ଦକ୍ଷିଣ ଆଫ୍ରିକାରେ ରହୁଥିବା ପିଗ୍‌କାସୋ ନାମକ ଏକ ଘୁଷୁରୀ ଚିତ୍ର ଆଙ୍କି ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛି ।

ପିଗ୍‌କାସୋ ବ୍ରିଟେନର ପ୍ରିନ୍ସ ହେରୀଙ୍କର ଏକ ଚିତ୍ର ଆଙ୍କିଥିଲା । ଉକ୍ତ ଚିତ୍ରଟିକୁ ସ୍ପେନର ଜଣେ ବ୍ୟକ୍ତି ୨.୩୬ ଲକ୍ଷ ଟଙ୍କା ମୂଲ୍ୟରେ କିଣିଛନ୍ତି । ପିଗ୍‌କାସୋର ବୟସ ବର୍ତ୍ତମାନ ୪ ବର୍ଷ । ଜୋନେ ଲେଫସନ ନାମକ ଜଣେ ମହିଳା ତାକୁ ଅସୁସ୍ଥ ଅବସ୍ଥାରେ ପାଇଥିଲେ । ସେବେଠାରୁ ସେ ତା'ର ଲାଳନପାଳନ କରିଥିଲେ । ପିଗ୍‌କାସୋ ମୁହଁରେ ରଙ୍ଗତୁଳୀ ଧରାଇଦେଲେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥାଏ ବୋଲି ଲେଫସନ କହିଛନ୍ତି । ପିଗ୍‌କାସୋର ଚିତ୍ର ବିକ୍ରି କରି ପାଉଥିବା ଟଙ୍କାରେ ଲେଫସନ ନିଜ ଫାର୍ମରେ ରଖିଥିବା ଅନ୍ୟ ପଶୁପକ୍ଷୀଙ୍କର ପ୍ରତିପୋଷଣ କରୁଛନ୍ତି । ବଳକା ଟଙ୍କା ସେ ସମାଜସେବାରେ ନିୟୋଜିତ କରୁଛନ୍ତି । ସେ ନିଜର ପୁଅ ଭଳି ପିଗ୍‌କାସୋର ଯତ୍ନ ନେଉଥିବା ପ୍ରକାଶ କରିଛନ୍ତି । ପିଗ୍‌କାସୋର ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ମଧ ରହିଛି । ଯେଉଁଥିରେ ସେ ଚିତ୍ର କରୁଥିବା ସମୟର ଭିଡିଓ ଅପଲୋଡ ହୋଇଥାଏ । ଏହି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଲକ୍ଷାଧିକ ଫଲୋୟର୍ସ ଅଛନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଚିକେନ ପଟିଆଲା

**ଆବଶ୍ୟକ ଉପକରଣ :**
ଚିକେନ, ଦହି, ପିଆଜ, କ୍ୟାପ୍‌ସିକମ୍, ଅଦାରସୁଣ ପେଷ୍ଟ, ହଳଦି, ଲାଲ ଲଙ୍କା, ଗୋଲମରିଚ ଗୁଣ୍ଡ, ଲୁଣ, ରିଫାଇନ ତେଲ, ଗୋଟା ଗରମ ମସଲା, କଞ୍ଚା ଲଙ୍କା, କାଜୁ ପେଷ୍ଟ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ସେଥିରେ ଦହି, ଅଦାରସୁଣ ପେଷ୍ଟ, ହଳଦି, ରେଡ୍ ଚିଲି, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ ଓ କିଛି ସମୟ ରଖି ଦିଅନ୍ତୁ ।

ପରେ କଡ଼େଇରେ ତେଲ ଗରମ କରନ୍ତୁ । ସେଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଜିରା, ଛେଚା ଅଦା ଓ ରସୁଣ ପକାନ୍ତୁ । ଏହା ଟିକେ ଭାଜି ହୋଇଗଲେ କଟା ପିଆଜ ପକାନ୍ତୁ । ଏହାକୁ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ ।

ଏବେ ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ (ମନେ ରଖନ୍ତୁ ପୂର୍ବରୁ ଚିକେନ୍‌ରେ ଲୁଣ ଗୋଳା ଯାଇଛି) ପକାଇ ଗୋଳାନ୍ତୁ ।

କିଛି ସମୟ ପରେ ୨ଟି ଟମାଟୋ ପକାନ୍ତୁ । ଏହାକୁ ଭଲ ଭାବେ ଗୋଳାନ୍ତୁ । ସେଥିରେ ହାଫ୍ କପ୍ ପାଣି ପକାନ୍ତୁ । କିଛି ସମୟ ପରେ କଡ଼େଇରେ ଅଳ୍ପ ମସଲା ରଖି ଅବଶିଷ୍ଟ ବାହାର କରି ଥଣ୍ଡା କରନ୍ତୁ । ଏହାପରେ ତାକୁ ପେଷ୍ଟ କରି ନିଅନ୍ତୁ ।

କଡ଼େଇରେ ଥିବା ଅଳ୍ପ ମସଲାରେ ମ୍ୟାରିନେଟ ହୋଇଥିବା ଚିକେନ ମିଶାନ୍ତୁ । ଏହାପରେ ସେଥିରେ ୨ ଚାମଚ କଞ୍ଚା ଲଙ୍କା ବଟା ମିଶାନ୍ତୁ । ଏହାକୁ ସିମ୍‌ରେ ଘୋଡ଼ାଇ ଚିକେନ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ ।

ଅନ୍ୟ ଏକ କରେଇରେ ତେଲ ଗରମ କରି କିଛି ଜିରା ପକାନ୍ତୁ । ସେଥିରେ ଅଦା, ରସୁଣ ଛେଚା ପକାନ୍ତୁ । ଏହାପରେ ଚପ୍ ହୋଇ କଟା ହୋଇଥିବା ମେଥି ପକାନ୍ତୁ । ଏହାପରେ ମିଡିୟମ ସାଇଜରେ କଟା ହୋଇଥିବା ପିଆଜ ଓ କ୍ୟାପସିକମ ପକାନ୍ତୁ । ସେଥିରେ ହଳଦି, ଲଙ୍କା, ଜିରା, ଧନିଆ ପାଉଡର ପକାନ୍ତୁ । ଏହାପରେ ସେଥିରେ ହାଫ କପ୍ କାଜୁ ପେଷ୍ଟ ପକାନ୍ତୁ । ହାଫ କପ୍ ପାଣି ପକାଇ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ ।



ଏହାପରେ ଚିକେନ ସିଝୁଥିବା କରେଇରେ ଏହି ମସଲାକୁ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହା ଉପରେ ଗରମ ମସଲ, କଟା କଞ୍ଚାଲଙ୍କା ଓ କସ୍ତୁରୀ ମେଥି ପକାନ୍ତୁ । ଏହାକୁ ଢାଙ୍କୁଣି ଘୋଡ଼ାଇ କିଛ ସମୟ ପାଇଁ ଛାଡ଼ି ଦିଅନ୍ତୁ । ତା' ପରେ ଫ୍ରେଶ୍ କ୍ରିମ ପକାଇ ଦିଅନ୍ତୁ । ଏହାପରେ ସର୍ଭ କରନ୍ତୁ ।

# ଘାତକ ଛତୁ, ଛୁଇଁଲେ ଚରିଯାଏ ବିଷ

ଛତୁ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ବୋଲି ଆମେ ଜାଣୁ । କିନ୍ତୁ ଏଭଳି ଏକ ଛତୁ ଅଛି, ଯାହା ଅତ୍ୟନ୍ତ ଭୟଙ୍କର । ନାଁ ପୋଡୋଷ୍ଟ୍ରୋମା କର୍ନୁ-ଡାମା । ଅଷ୍ଟ୍ରେଲିଆର କ୍ୱିନ୍‌ସଲ୍ୟାଣ୍ଡରେ ଦେଖାଯାଉଥିବା ଏହି ଛତୁ ଅତ୍ୟନ୍ତ ଘାତକ ଓ ବିଷାକ୍ତ । ଲାଲ୍ ରଙ୍ଗର ଏହି ବିଷାକ୍ତ କବକ ମଣିଷ ପାଇଁ ପ୍ରାଣଘାତକ ହୋଇଥାଏ । ଏହାକୁ ଖାଇବା ତ ଦୂରର କଥା, ଛୁଇଁବା ମାତ୍ରେ ଶରୀରରେ ବିଷ ଚରିଯାଏ, ଫଳରେ ବ୍ୟକ୍ତି ରୋଗଗ୍ରସ୍ତ ହୋଇଥାନ୍ତି ।

ପ୍ରଥମେ ଏହି କବକ ଜାପାନ ଓ କୋରିଆ ଲଭି ଏସୀୟ ଦେଶରେ ଦେଖାଯାଉଥିଲା । ଏବେ ଏହା ଅଷ୍ଟ୍ରେଲିଆରେ ମଧ ଦେଖାଯାଉଛି । ୧୮୯୫ ମସିହାରେ ଚୀନ୍‌ରେ ସର୍ବପ୍ରଥମେ ଏହି ବିଷାକ୍ତ କବକ ଆବିଷ୍କୃତ ହୋଇଥିଲା । ଏହି କବକ କାରଣରୁ ଜାପାନ ଓ ଦକ୍ଷିଣ କୋରିଆରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ଲୋକେ ଏହାକୁ ପାରମ୍ପରିକ ଚିକିତ୍ସାରେ ପ୍ରୟୋଗ ହେଉଥିବା ଖାଇବାଯୋଗ୍ୟ କବକ ମନେକରି ଚା'ରେ ମିଶାଇ ପିଇଥିଲେ । ଏହା ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା ।

ବୈଜ୍ଞାନିକଙ୍କ ସୂଚନା ଅନୁସାରେ, ଏହି ବିଷାକ୍ତ କବକକୁ ଯଦି କେହି ଭୁଲରେ ଖାଇଦିଏ, ତେବେ ଅଙ୍ଗ ଅଚଳ ହେବା ଆରମ୍ଭ ହୁଏ । ଧୀରେ ଧୀରେ ଅଙ୍ଗପ୍ରତ୍ୟେଙ୍ଗ କାମ କରିବା ବନ୍ଦ କରିଦିଏ । ଖାସ୍ କଥା ହେଉଛି ଏହା ମନୁଷ୍ୟର ମସ୍ତିଷ୍କକୁ କ୍ଷତି ପହଞ୍ଚାଏ । କବକକୁ ଛୁଇଁବା ମାତ୍ରେ ଶରୀର ଫୁଲିଯାଏ ।



# 'ଚାଏ ୱାଲି ଚାଚି': ୩୩ ବର୍ଷ ହେଲା କେବଳ ଚା' ପିଇ ବଞ୍ଚିଛନ୍ତି ପିଲ୍ଲି ଦେବୀ



ଚା' ପିଇବାକୁ କିଏ ବା ଭଲ ନପାଏ ? ବହୁ ଲୋକ ସେମାନଙ୍କ ଦିନର ଆରମ୍ଭ ବେଡ୍ ଟି'ରୁ କରିଥାନ୍ତି । ସେ ଅଫିସ୍‌ରେ ହେଉ ବା ଘରେ ଦିନ ସାରା ମଝିରେ ମଝିରେ ଚା' ନ ପିଇଲେ କିଛି ଜଣ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି । ତେବେ ଛତିଶଗଡ଼ କୋରିୟା ଜିଲ୍ଲା ବୈକୁଣ୍ଠପୁର ବ୍ଲକ୍ ବରଡିୟା ଗାଁର ବାସିନ୍ଦା ପିଲ୍ଲି ଦେବୀ ଦୀର୍ଘ ୩୩ ବର୍ଷ ହେଲା କେବଳ ଚା' ପିଇ ବଞ୍ଚିଛନ୍ତି । ଆଉ କିଛି ଖାଦ୍ୟ ଖାଉନାହାନ୍ତି । ତଥାପି ମଧ ସେ ସଂପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି । ଏପରିସ୍ଥଳେ ସ୍ଥାନୀୟ ଲୋକେ ତାଙ୍କୁ 'ଚାଏ ୱାଲି ଚାଚି' ଓ 'ଚାଏ ୱାଲି ଆଣ୍ଟି' ବୋଲି କହୁଛନ୍ତି । ତାଙ୍କୁ ଦେଖି ଡାକ୍ତରମାନେ ବି ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି । ପିଲ୍ଲି ଦେବୀଙ୍କୁ ଏବେ ୪୪ ବର୍ଷ । ତାଙ୍କର ବାପାଙ୍କ ଅନୁସାରେ ସେ ଛୋଟବେଳେ ଚା' ସହିତ ପାଉଁରୁଟି, ବିସ୍କୁଟ୍ ପ୍ରଭୃତି ଖାଉଥିଲେ । କିନ୍ତୁ ଷଷ୍ଠ ଶ୍ରେଣୀରେ ପଢ଼ିବାବେଳକୁ ଧୀରେ ଧୀରେ ଅନ୍ୟ ଖାଦ୍ୟ ଖାଇବା ବନ୍ଦ କରିଦେଲେ । ଏବେ କେବଳ ସେ ଚା' ପିଇ ହିଁ ବଞ୍ଚିଛନ୍ତି । ସେହିପରି ପିଲ୍ଲି ଦେବୀ କହିଛନ୍ତି, 'କେବଳ ଚା' ପିଉଥିଲେ ବି ମୋତେ ଭୋକ ଲାଗିନଥାଏ । ସନ୍ଧ୍ୟା ହୋଇଗଲା ପରେ ମୁଁ କପେ ନାଲି ଚା' ପିଏ ।' ଡାକ୍ତରମାନେ ତାଙ୍କର ବିଭିନ୍ନ ପ୍ରକାର ପରୀକ୍ଷା କରିଥିଲେ ମଧ କୌଣସି ପ୍ରକାର ରୋଗ ନଥିବା ସ୍ପଷ୍ଟ କରିଛନ୍ତି ।

# ଦୁନିଆର ସବୁଠୁ ଶସ୍ତା ତିନି ଚକିଆ କାର୍:୪୦ ପଇସାରେ ଚାଲିବ ଏକ କି.ମି




ମହଙ୍ଗା ତୈଳଦରକୁ ନେଇ ଏବେ ସମସ୍ତେ ଚିନ୍ତିତ । ତେବେ ତୈଳ ଇନ୍ଧନ ଚାଳିତ ଯାନ ଗୁଡିକୁ ମାତ୍ ଦେବା ପାଇଁ ଏବେ ବଜାରରେ ସୁଲଭ ଦରରେ ଉପଲବ୍ଧ ହେଉଛି ବିଦ୍ୟୁତ୍ ଚାଳିତ ବାହନ । ଏହି ବାହନ ଗୁଡିକ ସୁଲଭ ଦରରେ ମଧ ମିଳୁଛି । ତେଣୁ ବିଦ୍ୟୁତ୍ ଚାଳିତ ବାହନ ଗୁଡିକର ବିକ୍ରି ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ମଧରେ ମୁମ୍ବାଇର ଏକ ଷ୍ଟାର୍ଟଅପ୍ କମ୍ପାନୀ ଏକ ଏଭଳି ଇଲେକ୍ଟ୍ରିକ୍ କାର ତିଆରି କରିଛି ଯାହା ଦୁନିଆର ସବୁଠୁ ଶସ୍ତା କାର୍ ବୋଲି ଦାବି କରାଯାଉଛି ।

ଏହି ଇଲେକ୍ଟ୍ରିକ୍ କାରକୁ ଷ୍ଟର୍ମ ମୋଟର୍ସ ପ୍ରସ୍ତୁତ କରିଛି । ଏହାର ନାମ Strom R3 ଦିଆଯାଇଛି । ଏହି କାରର ଦାମ୍ ୪.୩ ଲକ୍ଷ ଟଙ୍କା । ତେବେ କମ୍ପାନୀ ଭାରତରେ ଏହି କାରର ବୁକିଂ ଆରମ୍ଭ କରିଦେଲାଣି । Strom R3ର ପ୍ରି-ବୁକିଂ ମୁମ୍ବାଇ ଏବଂ ଦିଲ୍ଲୀ ଏନସିଆରରେ ୧୦ ହଜାର ଟଙ୍କାରେ ଆରମ୍ଭ ହୋଇଗଲାଣି । ଯଦି କାରର ଲୁକ୍ ବିଷୟରେ କହିବା ଏହି କାର ୩ ଚକିଆ ବିଶିଷ୍ଟ, କିନ୍ତୁ ଏହା ଥ୍ରୀ ହ୍ୱିଲର ଭଳି ଲୁକ୍ ଦେଉ ନାହିଁ । ତେବେ ଏହି କାର ତିନି ଚକିଆ ବାହନ ଠାରୁ ଭିନ୍ନ । ଏହାର ଆଗରେ ୨ଟି ଚକ ରହିଥିବା ବେଳେ ପଛରେ ଗୋଟିଏ ଚକ ରହିଛି । Strom R3 କାର୍ ୨୦୦ କି.ମି ପର୍ଯ୍ୟନ୍ତ ଯାତ୍ରା କରିପାରିବ । ଏଥିରେ ୪ଜି କନେକ୍ଟେଡ ଡାଇଗ୍ନିଷ୍ଟିକ୍ ଇଞ୍ଜିନ୍ ରହିଛି । ଏହା ଗାଡି ଚାଳକକୁ ଟ୍ରାକ୍ ଲୋକେଶନ ଏବଂ ଚାର୍ଜର ଷ୍ଟାଟସ୍ ବିଷୟରେ କହିବ । ତେବେ ଏହି କାରର ଡେଲିଭରି ୨୦୨୨ରେ ହେବ । କମ୍ପାନୀ ଏଯାବତ୍ ୭.୫ କୋଟି ଟଙ୍କାରେ ୧୬୫ ୟୁନିଟ୍ ବୁକିଂ କରିସାରିଲାଣି । ଯେଉଁମାନେ ସହର ଭିତରେ ୧୦ ରୁ ୨୦ କି.ମି ଯାଏଁ ଯାତ୍ରା କରୁଛନ୍ତି ସେମାନଙ୍କୁ ଦୃଷ୍ଟିରେ ରଖି ଏହି କାର୍ ତିଆରି କରାଯାଇଛି । ଏହି କାରର ଖର୍ଚ୍ଚ ପ୍ରତି କିଲୋମିଟର ପିଛା ୪୦ ପଇସା ଖର୍ଚ୍ଚ ହେବ । ତେବେ ଏହି କାରର ତିନି ପ୍ରକାର ଏବେ ଲଞ୍ଚ କରାଯାଇଛି ।



# ଘିମିରିରୁ ମୁକ୍ତି ପାଇବା ପାଇଁ ଆପଣାନ୍ତୁ ଏହି ୩ଟି ଟିପ୍ସ

ଅସହ୍ୟ ତାତିରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଟାଣ ଖରା ସାଙ୍ଗକୁ ଗୁଳୁଗୁଳି ସମସ୍ତଙ୍କୁ ନାକେଦମ କରି ଦେଉଛି । ଆଉ ଏହି ଗରମରେ ଯେଉଁଟା ମୁଖ୍ୟ ସମସ୍ୟା ହୋଇ ଠିଆ ହୋଇଛି ସେଇଟା ହେଉଛି ଘିମିରି । ଗରମ ଦିନରେ କେମିତି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ଆସନ୍ତୁ ତାର କିଛି ଘରୋଇ ଉପଚାର ଜାଣିବା ।

### ଟି ବ୍ୟାଗ୍:

ଏଥିରେ ଆପଣଙ୍କୁ ସାହାଯ୍ୟ କରିବ ସବୁଦିନେ ପିଉଥିବା ଟି ବ୍ୟାଗ୍ । ଆପଣ ବ୍ୟବହାର କରୁଥିବା ଟି ବ୍ୟାଗରୁ ଚା'ପିଇ ସାରି ଏହାକୁ ଫୋପାଡ଼ି ନଦେଇ ବ୍ୟବାହର କରନ୍ତୁ । ଏହି ଟି ବ୍ୟାଗକୁ ଫ୍ରିଜରେ ରଖି , ଥଣ୍ଡା ହେବା ପରେ ଶରୀରର ଘିମିରି ହୋଇଥିବା ଅଂଶରେ ଲଗାଇଲେ କୁଣ୍ଡେଇ ହେବା ସମସ୍ୟାରୁ ମୁକ୍ତି ମିଳେ ।

### ନଡ଼ିଆ ତେଲ, ଅଲିଭ୍ ଅଏଲ୍:

କିଛି ବୁନ୍ଦା ନଡିଆ ତେଲ ଏବଂ ଅଲିଭ ଅଏଲକୁ ମିଶାଇ ଏହି ମିଶ୍ରଣକୁ ଘିମିରି ହୋଇଥିବା ସ୍ଥାନରେ ଲଗାନ୍ତୁ । କିଛି ଦିନ ମଧରେ ଦେଖିବେ ଘିମିରି ଭଲ ହୋଇଯିବ ।



### ଟମାଟୋ ପେଷ୍ଟ:

ଟମାଟୋର ପେଷ୍ଟ ମଧ ଘିମିରିକୁ ଦୂରେଇବାରେ ସାହାଯ୍ୟ କରେ । ଘିମିରି ହୋଇଥିବା ସ୍ଥାନରେ ଟମାଟ ପେଷ୍ଟ ଲଗାନ୍ତୁ ଦେଖିବେ ଘିମିରି କମିଯିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମହାରାଷ୍ଟ୍ରରେ ସରଗରମ ରାଜନୀତି...

କରୋନା ସଂକ୍ରମଣ ଦ୍ୱିତୀୟ ଲହର ଏବେ ଯେଉଁ ପ୍ରାନ୍ତରେ ଅଧିକ ଉତ୍କଟ ହୋଇ ଦେଖାଦେଇଛି, ତାହା ମଧ୍ୟରେ ମହାରାଷ୍ଟ୍ରର ନାମ ଆଗରେ ଆସୁଛି। ପଂଜାବ, ଗୁଜରାଟ ଭଳି କେତେକ ରାଜ୍ୟରେ କୋଭିଡର ଦ୍ୱିତୀୟ ଲହର ଅଧିକ ଭାବରେ ମାଡ଼ିଚାଲିଛି। ମହାରାଷ୍ଟ୍ରର ନାଗପୁର, ଥାନେ ସମେତ ସହର ଓ ଗୁଜରାଟର ପ୍ରମୁଖ ସହରରେ ରାତ୍ରିକାଳୀନ ଲକ୍‌ଡାଉନ ଆରମ୍ଭ ହୋଇଗଲାଣି। ଯେଉଁ ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇକୁ ଦେଶର ଆର୍ଥିକ ରାଜଧାନୀ କୁହାଯାଉଛି, ସେଠାରେ ଏବେ ସଂକ୍ରମଣ ଚିନ୍ତା ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ମୁଣ୍ଡ ଟେକି ସାରିଲାଣି। ତାହା ମୁମ୍ବାଇ ପୁଲିସ କମିଶନର ପରମବୀର ସିଂହଙ୍କୁ କେନ୍ଦ୍ର କରି। ଆଇପିଏସ୍ ପରମବୀରଙ୍କୁ କେଇଦିନ ତଳେ ପଦଚ୍ୟୁତ କରାଯିବା ପରେ, ସେ ରାଜ୍ୟ ଘରୋଇ ମନ୍ତ୍ରୀ ଅନିଲ୍ ଦେଶମୁଖଙ୍କ ନାମରେ ଗୁରୁତର ଅଭିଯୋଗ ଉଠାଇଛନ୍ତି। ପରମବୀରଙ୍କ ଅଭିଯୋଗର ଆଧାର ଯାହା ଥାଉ ପଛକେ, ତାଙ୍କ ହିସାବରେ ମାସକୁ ମାସ ଶହେ କୋଟି ଟଙ୍କା ଦେଶମୁଖ କୁଆଡ଼େ ମାଗୁଥିଲେ। ମୁମ୍ବାଇ ରାଜନୀତି ଏବେ କଂଗ୍ରେସ, ଏନସିପିକୁ ଆଶାବାଡ଼ି ରୂପେ ଧରି ଶିବସେନା ଦ୍ୱାରା ଚାଲିଛି। ପ୍ରମୁଖ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟି ଏହି ପ୍ରସଙ୍ଗକୁ ଗଣ୍ଡି କରି କେବଳ ଧରିନାହିଁ, ଅଭିଯୋଗ ତଦନ୍ତ ହେବା ପୂର୍ବରୁ ଘରୋଇ ମନ୍ତ୍ରୀଙ୍କ ମୁଣ୍ଡ ମାଗିଛି। ବିଶିଷ୍ଟ ଉଦ୍ୟୋଗପତି ମୁକେଶ ଅମ୍ବାନିଙ୍କ ଆଣ୍ଟାଲିଆ ଘର ଆଗରେ କିଛିଦିନ ତଳେ ବିସ୍ଫୋରକ ବୋଝେଇ ଗାଡ଼ି ରଖାଯାଇଥିଲା, ସେଥିରେ ପରମବୀରଙ୍କ ହାତ ଅଛି ବୋଲି ଏବେ କହୁଛନ୍ତି ଗୃହମନ୍ତ୍ରୀ ଅନିଲ ଦେଶମୁଖ। ବିସ୍ଫୋରଣ ମନସୁଖ ହିରେନ୍ ସିଂଙ୍କର ମୃତ୍ୟୁ ହେବା ସମଗ୍ର ପ୍ରକରଣକୁ ଭିନ୍ନ ମୋଡ଼ ଦେଇଥିଲା। ଅନିଲଙ୍କ କହିବା ପ୍ରକାରେ ନିଜକୁ ରକ୍ଷା କରିବା ଲାଗି ପରମବୀର କୁଆଡ଼େ ଏଣୁତେଣୁ ମନଗଢ଼ା ଅଭିଯୋଗ ବାଢୁଛନ୍ତି। ଅନିଲ ପରମବୀରଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ମାମଲାର ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ଗୃହ ମନ୍ତ୍ରୀ କହିବା ସହିତ ଏହା ବିପକ୍ଷର କାରସାଦି ବୋଲି ବର୍ଣ୍ଣନା କରିଛନ୍ତି। ମାସିକ ଶହେକୋଟି ଟଙ୍କା ଉତ୍କୋଚ ଭଳି ଅଭିଯୋଗ ଉଠାଇବା କାର୍ଯ୍ୟ ଯଦି ପରମବୀର ବିଦା ହେବା ପୂର୍ବରୁ କରିଥାନ୍ତେ, ତେବେ ତାହା ତାଙ୍କୁ ଶୋଭା ପାଇଥାନ୍ତା। ପରମବୀର ପୂର୍ବତନ ଇଣ୍ଟେଲିଜେନ୍‌ସ ୟୁନିଟ୍ ମୁଖ୍ୟ ସଚିନ ୱାଜେଙ୍କ ମାଧ୍ୟମରେ ମାସିକ ଶହେକୋଟି ମଗାଯାଇଥିବା କଥା କୁହାଯାଉଥିବାବେଳେ ସତ୍ୟାସତ୍ୟ ନେଇ କାହାର କଥା ସହ କାହାରି ତାଳମେଳ ରହୁନାହିଁ। ଏହା ପୂର୍ବରୁ ଦାଦ୍ରା ନଗରହାବେଳି କେନ୍ଦ୍ରଶାସିତ ଅଂଚଳର ସାଂସଦ ମୋହନ୍ ଡେଲକାରଙ୍କର ମୁମ୍ବାଇରେ ଆତ୍ମହତ୍ୟା ନେଇ ପ୍ରହେଳିକା ଅଦ୍ୟାବଧି ଅସମାହିତ ରହିଛି। କଥିତ ଆତ୍ମହତ୍ୟାରେ କୁଆଡ଼େ ପରମବୀରଙ୍କ ହାତ ଥିବା କଥା ଚର୍ଚ୍ଚାକୁ ଆସିଥିଲା। ମନ୍ତ୍ରୀ ଦେଶମୁଖଙ୍କ କହିବାରେ, ସାଂସଦ ଆତ୍ମହତ୍ୟା ଘଟଣାରେ ପରୋକ୍ଷ ସମ୍ପୃକ୍ତି ଥିବା ହେତୁ ପରମବୀରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ। ମହାରାଷ୍ଟ୍ର ରାଜନୀତିରେ ଭୀଷ୍ମ ପିତାମହ କୁହାଯାଉଥିବା ଏନସିପି ଶରଦ ପାୱାର ସମୁଦାୟ ପ୍ରକରଣକୁ ଗମ୍ଭୀରତା ସହକାରେ ଦେଖୁଛନ୍ତି। ଏବେ ପ୍ରଶ୍ନ ଉଠୁଛି, ନିଲମ୍ବିତ ପୁଲିସ ଅଧିକାରୀ ସଚିନ ୱାଜେ ଯେଉଁ ମାସିକ ଶହେକୋଟି ଆଦାୟ କରିବା କଥା ପରମବୀର ଉଠାଇଛନ୍ତି, ତାହାର ଆଧାର କେତେ ବଳିଷ୍ଠ। ସମସ୍ତ ପ୍ରକରଣ ନେଇ ଏବେ ମହାରାଷ୍ଟ୍ର ରାଜନୀତି ଗୋଳିଆ ହୋଇପଡ଼ିଥିବା ଭିତରେ ବିରୋଧୀ ଶିବିର ସେଥିରୁ କଙ୍କଡ଼ା ଧରିବାପାଇଁ ଚାହିଁବାରେ କିଛି ଆଶ୍ଚର୍ଯ୍ୟ ନାହିଁ। ମହାରାଷ୍ଟ୍ରରେ ଭାଗୁଆଳି ସରକାର ଆସିବା ଦିନଠାରୁ କୌଣସି ନା କୌଣସି ଜଟିଳତା ରହିଆସିଛି। ଏହା ରାଜ୍ୟ ସରକାରର ସ୍ଥିରତା ଓ ଆୟୁଷ୍ମାନ ନେଇ ଯେମିତି ହେଲେ ଆଶଙ୍କା ଜନ୍ମାଇବ। ଶୀଘ୍ର ଅଡୁଆସୂତା ନଫିଟିଲେ ସରକାର ସ୍ଥିତିପାଇଁ ସମସ୍ୟା କରିବା ଥୟ। ଯେହେତୁ ଜାତୀୟ ରାଜନୀତି ଉପରେ ମହାରାଷ୍ଟ୍ରର ଭୂମିକା ସବୁବେଳେ ରହିଆସିଛି, ଉଦ୍ଧବ ସରକାରର ଦୁର୍ବଳତା ଜାତୀୟ ପ୍ରେକ୍ଷାପଟରେ ପ୍ରତିଫଳିତ ହେବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ପରସ୍ପର ବିରୋଧାଭାସ ଭିତରେ ସରକାର ଏଭଳି ବଡ଼ ଧରଣର କେଲେଙ୍କାରୀକୁ କିଭଳି ଅତିକ୍ରମ କରିପାରିବ ତାହା ଉପରେ ସମସ୍ତଙ୍କ ନଜର।

## କବିତା କୋଣାର୍କ

### ଅଥଚ ଈଶ୍ୱର ..

ନିରଂଜନ ସାହୁ

ଏବେ କେବେ କେମିତି
ମନେପଡ଼ନ୍ତି ଈଶ୍ୱର।
ଏଇ ଯେମିତି ଦୁଃଖକଷ୍ଟ
ଅବା ବିପତ୍ତିରେ ପଡ଼ିଯିବା ବେଳେ।

ଦିନରାତି ନିଜ ଜୀବନରର ବୋଝକୁ
ମୁଣ୍ଡେଇ ଚାଲିବା ବେଳେ
ନା ଥକ୍କା ମାରିବାକୁ ବେଳ ଥାଏ
ନା ଝିନଝଟରୁ ମୁକ୍ତି
ପାଇବାର ଉପାୟ ଥାଏ
ବରଂ ବେଳକୁ ବେଳ
ଅଜାଡ଼ି ହୋଇ ପଡୁଥାଏ
କର୍ମ ଜଂଜାଳର ପାହାଡ଼।

କେଉଁଠି ଈଶ୍ୱର ଥାଆନ୍ତି, କଣ କରନ୍ତି
ଆଜି ଖାଇଛନ୍ତି ନା ନାହିଁ
ଏସବୁ ବୁଝିବାକୁ ବେଳ
ମିଳେନା ଏବେ।

ବରଂ ଜିତିଗଲେ ମୁଁ କରିପାରିଛି
ବୋଲି ମନରେ ଗର୍ବ ଆସେ
ଆଉ ହାରିଗଲେ ଭାଗ୍ୟରେ
ନଥିଲା କହି
ମନକୁ ବୁଝାଇ ଦେବାକୁ ପଡ଼େ।
ଏବେ କେଉଁଆଡ଼େ ହଜିଗଲା
ମୋର ସରଳ ମନରୁ ଈଶ୍ୱର ଭକ୍ତି।

ଈଶ୍ୱର ଅଛନ୍ତି, ସେ ସର୍ବ ଶକ୍ତିମାନ
ସେ ସର୍ବଦ୍ରଷ୍ଟା, ସେ ସର୍ବସ୍ରଷ୍ଟା
ଏସବୁ ଜାଣିଶୁଣି ମଧ୍ୟ
ମୁଁ ତାଙ୍କୁ ସାମାନ୍ୟ
ପ୍ରଲୋଭନ ଦେଖାଇ ଭୁଲାଇ ଦିଏ
ଅବା ସେ କିଛି ଦେଖିଶୁଣି
ପାରୁନାହାନ୍ତି ଭାବି
ମୁଁ କରିଚାଲିଥାଏ ଅସତ କର୍ମ
ମୋ ନିଜସ୍ୱ ରୁଚିକୁ ଚରିତାର୍ଥ କରି।

ହଁ, ଈଶ୍ୱର ଥାଇପାରନ୍ତି
ସେ ତାଙ୍କ କର୍ମରେ ବ୍ୟସ୍ତ
ଆଉ ମୁଁ ମୋ କାମରେ ବ୍ୟସ୍ତ
ଏମିତି ପରିକଳ୍ପନା କରୁ କରୁ
ବିପଦ ଆପଦରେ ସାମାନ୍ୟ
ମନେପଡ଼ନ୍ତି ଈଶ୍ୱର
ନଚେତ୍ ଈଶ୍ୱରଙ୍କୁ ମନେପକାଇ
କିଛି ଲାଭ ମିଳେନା ଭାବି ଭାବି
ମୁଁ ବଂଚିଥାଏ ମୋ ସ୍ୱପ୍ନର
ଇଲାକାରେ।

ନିହଲପ୍ରସାଦ, ଗନ୍ଦିଆପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

# ଅମୂଲ୍ୟ ସମ୍ପଦ- 'ଜଳ'



ଅଜିତ୍ କୁମାର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମୁଦ୍ର, ନଦୀ, ହ୍ରଦ, ଝରଣା ଆଉ ପୁଷ୍କରିଣୀକୁ ପରିଚୟକୁ ଦେଇଥିବା ପାଣି ଆଜି ସଂକଟରେ । ଶକ୍ତିର ଆଧାର ସୂର୍ଯ୍ୟଙ୍କ ଇଙ୍ଗିତରେ ଜଳଚକ୍ରରେ ଚାଲେ ପାଣିର ଲୁଚକାଳି ଖେଳ ।

କିଛି ବର୍ଷ ପୂର୍ବେ ପାଣିକୁ ନେଇ ହିସାବ ନିକାଶ ନ ଥିଲା କି ସୁସ୍ଥ ସବଳ ଜଳବାୟୁରେ ପାଣିର ନ ଥିଲା ଅଭାବ। ଆଜି କିନ୍ତୁ ଜଳବାୟୁର କ୍ରମାଗତ ପରିବର୍ତ୍ତନ ଯୋଗୁଁ ପାଣି ଆଜି ବିପଦରେ । ନିୟମିତ ହେଉନାହିଁ ଆଉ ବର୍ଷା । କେଉଁଠି ଅତି ବୃଷ୍ଟି ତ କେଉଁଠି ଅନାବୃଷ୍ଟି । ନଦୀ, ନାଳ, ଝରଣା ଆଦି ଜଳଧାରା ଆଜି ଚିରପ୍ରବାହିତା ନୁହନ୍ତି । ବେଆଇନ୍ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ପ୍ରଗତି ନାମରେ ଦ୍ରୁତ ଶିଳ୍ପାୟନ ଜଳଚକ୍ରରେ ବାଧାପ୍ରାପ୍ତ କରିବା ସହିତ ସାଜିଛି ଜଳ ଶୋଷୀ ରାକ୍ଷସ । ଅନିୟମିତ ବର୍ଷା ସାଙ୍ଗକୁ ଶିଳ୍ପ, କଳକାରଖାନା, ଗୃହକାର୍ଯ୍ୟ, ରାସ୍ତାଘାଟର କଂକ୍ରିଟକରଣ ତଥା ସହରୀକରଣ ଯୋଗୁଁ ଭୂତଳ ଜଳ ମଧ୍ୟ ଆଜି ସଂକୁଚିତ ଓ ପ୍ରଦୂଷିତ । ପୃଥିବୀରେ ମିଳୁଥିବା ବିଶୁଦ୍ଧ ଜଳର ୭୦ ପ୍ରତିଶତ ଜଳ କୃଷି କାର୍ଯ୍ୟରେ ବ୍ୟବହାର କରାଯାଏ। ୨୦ ପ୍ରତିଶତ ଶିଳ୍ପରେ, ୮ ପ୍ରତିଶତ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବେଳେ ୨ ପ୍ରତିଶତ ଜଳ ମନୋରଞ୍ଜନ ଓ ପରିବେଶ କାର୍ଯ୍ୟରେ ଲାଗିଥାଏ। କିନ୍ତୁ ଆମେ ମନଇଚ୍ଛା ଜଳକୁ ବ୍ୟବହାର କରି ନଷ୍ଟ କରିବା ସହିତ ଅଦୂରଦର୍ଶୀଭାବରେ ଜଳକୁ ଦୂଷିତ କରିବା ଯୋଗୁଁ ଜଳ ସଂକଟ ସୃଷ୍ଟି ହେଉଛି। ସମ୍ପ୍ରତି ଭାରତ ବର୍ଷର ୩୬୦ ଜିଲ୍ଲାରେ ଭୂତଳ ଜଳସ୍ତର କମିବାରେ ଲାଗିଛି । ବିଭିନ୍ନ ରାସାୟନିକ ପ୍ରକ୍ରିୟା ଯୋଗୁଁ ବିଷାକ୍ତ ହେଉଛି ଭୂତଳ ଜଳ । ଫଳରେ ଶାରିରୀକ ଅକ୍ଷମତା, କୁଜା, କଣା, ବଧିରା, ଦାନ୍ତ ଖରାପ ଓ ଚର୍ମରୋଗ ଭଳି ରୋଗ ବ୍ୟାପିବାରେ ଲାଗିଛି। ଭୂ-ଗର୍ଭ ଜଳରେ ଫ୍ଲୋରାଇଡ୍, କ୍ଲୋରାଇଡ୍ ଓ ସଲଫେଟ୍‌ର ମାତ୍ରା ବଢ଼ିବାରେ ଲାଗିଛି ଯାହା ମଣିଷ ପାଇଁ ଖୁବ୍ ହାନିକାରକ । ଆମ ରାଜ୍ୟର ପ୍ରାୟ ୧୦ଟି ଜିଲ୍ଲାରେ ଫ୍ଲୋରାଇଡ୍ ଯୁକ୍ତ ଜଳଥିବା ପ୍ରମାଣ ମିଳିଛି ଓ ନୂଆପଡା, କୋରାପୁଟ ଭଳି ଜିଲ୍ଲାର ଲୋକେ ଏଥିଯୋଗୁଁ ବିଭିନ୍ନ ଦୁଃସାଧ୍ୟ ରୋଗରେ ପୀଡିତ ହୋଇ ପ୍ରାଣ ହରାଉଛନ୍ତି । ଏକ ତଥ୍ୟରୁ ଜଣାପଡିଛି ଯେ ଆନ୍ଧ୍ରପ୍ରଦେଶରେ ୧୦ଟି ଜିଲ୍ଲାରେ ଭୂ-ତଳ ଜଳରେ ନାଇଟ୍ରେଟର ମାତ୍ରା ୪୫ ମିଲିଗ୍ରାମରୁ ଅଧିକ ଥିବାବେଳେ ୧୧ଟି ଜିଲ୍ଲାରେ ଫ୍ଲୋରାଇଡ୍‌ର ମାତ୍ରା ୧.୫ ମିଲିଗ୍ରାମ ଅଧିକ ବିପଜ୍ଜନକ ସ୍ଥିତିରେ ଥିବାର ଜଣାପଡ଼ିଛି । କର୍ଣ୍ଣାଟକର ରାଜଧାନୀ ବାଙ୍ଗାଲୋର ସହିତ ୧୨ଟି ଜିଲ୍ଲାରେ ଭୂ-ତଳ ଜଳର ନାଇଟ୍ରେଟର ମାତ୍ରା ୪.୫ ମିଲିଗ୍ରାମରୁ ଅଧିକ । ଏପରିକି ଶିକ୍ଷାକ୍ଷେତ୍ରରେ ଆଗୁଆ ରାଜ୍ୟ କେରଳର ଭୂସ୍ତର ଜଳ ବିଷାକ୍ତ, ପଶ୍ଚିମବଙ୍ଗର ୯ଟି ଜିଲ୍ଲାରେ ଫ୍ଲୋରାଇଡ୍ ଅଧିକଥିବାର ଜଣାପଡ଼ିଛି । ଆମ ଓଡ଼ିଶାର ବଲାଙ୍ଗୀର, ଖୋର୍ଦ୍ଧା ଓ କଳାହାଣ୍ଡି ଜିଲ୍ଲାର ଭୂ-ସ୍ତର ଜଳରେ ଫ୍ଲୋରାଇଡ୍ ଅଧିକା ଥିବାରୁ ଗାଁ ଗାଁରେ ବାତଜ୍ୱର, ଗୋଡଫୁଲା ରୋଗ ଦେଖାଦେଲାଣି । ଏତ ଗଲାଣି ଭୂତଳ ଜଳର ଦୁଃଖଦ ସ୍ଥିତି। ଆମର ପାରମ୍ପାରିକ ଜଳାଶୟ କଥା ନ କହିବା ଭଲ । ଆମର ପାରାମ୍ପାରିକ ଜଳାଶୟ ପୋତି ହୋଇଗଲାଣି । ପାରମ୍ପାରିକ ଜଳାଶୟରେ ବର୍ଷାଜଳ ଗଚ୍ଛିତ ହୋଇ ରହିବା, ଭୂତଳ ଜଳସ୍ତର ସ୍ଥିର ରଖିବାରେ ସହାୟତା କରିବା ସହିତ ସଂପୃକ୍ତ ଅଞ୍ଚଳରେ ମାଟିର ଆର୍ଦ୍ରତା ବଜାୟ ରଖେ । କିନ୍ତୁ ସେଗୁଡ଼ିକର ରକ୍ଷାଣବେକ୍ଷଣ ଅଭାବରୁ ଜଳ ସଂଚୟ ହୋଇପାରୁନାହିଁ ବରଂ ସେଗୁଡ଼ିକ ଖଣିଜ ବର୍ଜବସ୍ତୁରେ ପୋତି ହୋଇ ପଡୁଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ଲାଷ୍ଟିକ ପଟୁଆରେ ନିର୍ମିତ ଲକ୍ଷ ଲକ୍ଷ ସଂଖ୍ୟକ ଡଙ୍ଗା ଭସାଣ, ଜଳାଶୟକୁ ମାତ୍ରାଧିକ ପୂଜା ଦ୍ରବ୍ୟ କ୍ଷେପଣତଥା ବର୍ଷସାରା ରାସାୟନିକ ରଙ୍ଗରେ ନିର୍ମିତ ମୂର୍ତ୍ତୀଭସା ଭଳି କାର୍ଯ୍ୟ ହେତୁ ଜନବସତି ନିକଟ ପରିବେଶ ଓ ଜଳାଶୟ ସଂପୂର୍ଣ୍ଣ ରୂପେ ଦୂଷିତ । ବିଷାକ୍ତ ଓ ରାସାୟନିକ ଖଣିଜ ବଳୟରେ ବନ୍ଧା ଏଠି ପାଣି। କୃଷି କ୍ଷେତ୍ରରେ ସାର ଓ କୀଟନାଶକ ଔଷଧର ବହୁଳ ବ୍ୟବହାର ଯୋଗୁଁ ସେହିପାଣି ଗଡ଼ିଯାଇ ନଈ, ନାଳ ଓ ପୋଖରୀର ପାଣିକୁ ଦୂଷିତ କରୁଛି। ଗଙ୍ଗା, ଯମୁନା, ଗୋଦାବରୀ, ମହାନଦୀ, ବୈତରଣୀ ଆଦି ସବୁ ନଦୀ ଆମର ଜୀବନ ନାଟିକା। ଆଜି ସେ ସବୁ ନଦୀ ସହରର ଆବର୍ଜନା ଓ ଶିଳ୍ପାଞ୍ଚଳରୁ ନିର୍ଗତ ଦୂଷିତ ପଦାର୍ଥ ଦ୍ୱାରା ପ୍ରଦୂଷିତ ।

ଜଳର ଆବଶ୍ୟକତା ଓ ସମ୍ଭାବ୍ୟ ସଂକଟ ସଂପର୍କରେ ୧୯୯୨ ମସିହା ମିଳିତ ଜାତିସଂଘର ସାଧାରଣ ଅଧିବେଶନର "ପରିବେଶ ଓ ଉନ୍ନୟନ" ସେମିନାରରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ ୧୯୯୩ ମାର୍ଚ୍ଚ ୨୨ ତାରିଖଠାରୁ ଏହି ଦିବସ ପାଳିତ ହୋଇଆସୁଅଛି। ପ୍ରତିବର୍ଷ ଏହି ଦବସଟି ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ବା ଥିମ୍ ଉପରେ ପର୍ଯ୍ୟବେଶିତ ହୋଇଥାଏ । ଚଳିତ ବର୍ଷର ଶୀର୍ଷକ ହେଉଛି - "ଜଳର ମୂଲ୍ୟାୟନ" (Valuing water)। ବିଶୁଦ୍ଧ ପାନୀୟ ଜଳ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଳ ଉପରେ ଆମ ସମସ୍ତଙ୍କର ଅଧିକାର ରହିଛି କିନ୍ତୁ ମଣିଷ ସମାଜର ପରିବର୍ତ୍ତିତ ମାନସିକତା ଓ କାର୍ଯ୍ୟଧାରାରେ ଜୀବନର ଅନ୍ୟତମ ଅପରିହାର୍ଯ୍ୟ ଉପାଦନ ପାଣି ହାତଛଡା। ଅମୃତ ସମ ଜଳରାଶି ଆଜି ବିଷ ବଳୟରେ ବନ୍ଦୀ । ଆସନ୍ତୁ ଆମେ ଶୀଘ୍ର ଜଳ ସଂକଟକୁ ସାମ୍ନା କରିବା ପୂର୍ବରୁ ସମୟ ଥାଉ ଥାଉ ସଚେତନ ଓ ଜଳର ଉପଯୁକ୍ତ ସଂରକ୍ଷଣ ପାଇଁ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବେ ଯତ୍ନବାନ ହେବା, ଜଳ ପ୍ରଦୂଷିତ ନ କରିବାକୁ ଶପଥ ନେବା, ଜଳ ଅପଚୟ ରୋକି ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା, ସମଗ୍ର ଜାତି, ପଶୁପକ୍ଷୀ, ଗଛଲତାକୁ ବଞ୍ଚାଇବା ପାଇଁ ପ୍ରୟାସ କରିବ । ପ୍ରକୃତିର ଏହି ସର୍ବଶ୍ରେଷ୍ଠ ସଂପଦ ତଥା ଜୀବନ ନାଟିକା ସମ ଏହି ଅମୃତ ଜଳକୁ ବିଷମୁକ୍ତ କରିବା ଓ ବିଷ ବଦଳରେ ଅମୃତ ପାନ କରିବା ପାଇଁ ଚେଷ୍ଟା କରିବା।

(ସମାପ୍ତ)

+ବିଜ୍ଞାନ ଶିକ୍ଷକ
ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା
ମୋ.- ୯୪୩୭୭୪୪୫୮୫

# ଦମନ ସଂହାର ବହୁବେଳ ଡେରିନୁହଁ



ଅଜୟ କୁମାର ବେହେରା

**ମନୁଷ୍ୟଙ୍କୁ ଏକ ବୋକାଜୀବନ କିଛି ମନୁଷ୍ୟ ଭାବି ନେଲେଣି। ଘରପାଖରେ ଦୋକାନ ତା ମୁହଁକୁ ସବୁଦିନେ ଗ୍ରାହକ ଦେଖୁଛନ୍ତି ତାକୁ ବିଶ୍ୱାସ କରି ତାଠାରୁ ପଣ୍ୟଦ୍ରବ୍ୟ କିଣୁଛନ୍ତି ମାତ୍ର ସେ ଯେଉଁଠୁ ପାଇକାରୀରେ ଜିନିଷ କିଣୁଛନ୍ତି ସଚ୍ଚା ଜିନିଷ ଠାରୁ ଅନେକ ଶସ୍ତାରେ ଜିନିଷ କିଣିବା ଓ ସଚ୍ଚା ଜିନିଷ ଦରରେ ବିକ୍ରୟ କରିବା ଦେଖାଉଛି। ଯାହା ଭୋଜନରେ ଆସୁଛି ତହିଁରେ ବହୁ ଜିନିଷ ନକଲି ଥିବାବେଳେ ବାହ୍ୟ ପ୍ରୟୋଗ ପୂଜା ହୋମ, ଦୀପଜଳା ପାଇଁ ବହୁ ଭେଜାଲ ନକଲି ଜିନିଷ ଲୋକେ କିଣି ଚାଲିଛନ୍ତି।**

ରାମାୟଣରେ ନକଲି ବାବାଜୀ ବା ସନ୍ୟାସୀର ଦୁଇ ନଜର ବିଶେଷ ତଥ୍ୟପୂର୍ଣ୍ଣ। ରାବଣ ଯେ ରାମଲକ୍ଷ୍ମଣଙ୍କୁ କୌଶଳରେ ପର୍ଣ୍ଣ କୁଟୀରରୁ ଦୂରେଇ ରଖି ସୀତାଙ୍କୁ ଧର୍ମବାଣୀ ଶୁଣାଇଁ ଅଭିଶାପ ଭୟ ଦେଖାଇ ଲକ୍ଷ୍ମଣ ରେଖା ପାର କରାଇ ଭିଡ଼ି ନେଇ ପୁଷ୍ପକ ଯାନରେ ବସାଇ ତାର ଦେଶକୁ ସମୁଦ୍ର ଜଳ ପାର କରାଇ ନେବା। ଦ୍ୱିତୀୟ ଲକ୍ଷ୍ମଣଙ୍କୁ ଯୁଦ୍ଧରେ ଶେ୍ୟଳବିଦ୍ଧ ହୋଇ ମୂର୍ଚ୍ଛିତ ଅବସ୍ଥା ରକ୍ତପାତ ଅନବରତ ହେବା ବେଳେ ପ୍ରାଣରକ୍ଷା ଚିନ୍ତାରେ ବୈଦ୍ୟ ଖୋଜ ହେଲା ବୈଦ୍ୟଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଜଡ଼ିବୁଟି ସେ ସ୍ଥାନରେ ମିଳେନାହିଁ ଏହାର ଉପଲବ୍ଧ ଗନ୍ଧମାର୍ଦ୍ଦନ ପର୍ବତରେ ରହିଛି। ଏହାକୁ ଆଣିବାକୁ ହନୁମାନ ଦ୍ରୁତ ପଥ ଅତିକ୍ରମ କଲାବେଳେ ରାସ୍ତାରେ ତାଙ୍କୁ ଭ୍ରଷ୍ଟରେ ପକାଇ ଧାର୍ଯ୍ୟ ସମୟକୁ ପଣ୍ଡ କରି ଲକ୍ଷ୍ମଣଙ୍କର ଅକାଳ ବିୟୋଗ ଚିନ୍ତା କରିବା ରାବଣର ଏକ ମାମୁଁ ମାୟାବୀ ସନ୍ନ୍ୟାସୀ ରୂପରେ ରାମନାମ ଜପ କରିବା ଶବ୍ଦ କରି ହନୁମାନଙ୍କୁ କିଏଦ୍ ସମୟ ଭ୍ରାନ୍ତିରେ ପକାଇଥିଲା। ନକଲି କିଛି କ୍ଷଣ ଅସଲି ରୂପରେ ଲୋକରେ ବ୍ୟବହାର ହୋଇଯାଏ। ସୁନା ହଳଦିଆ ପିତଳକୁ ପାଲିସ ପରିଷ୍କାରରେ ବି ହଳଦିଆ ଦୃଶ୍ୟ ହୁଏ। ପୁଟ ଦେଇ ତମ୍ବା ରୂପକୁ ସୁନା ପରି ରଙ୍ଗ କରିଦିଆଯାଉଛି। ୯୧୬ ସୁନା ଛାପରେ ବି ତାହା ୨୨ କ୍ୟାରେଟ ଡାକରେ ୧୫/୧୬ କ୍ୟାରେଟ ବେଳେ ବେଳେ ଠକେଇରେ ଗ୍ରାହକ ପଡୁଛନ୍ତି ନକଲି ଖାଦ୍ୟପଦାର୍ଥ ଦୁଗ୍ଧ, ଘିଅ, ତେଲ, ଅଟା, ବେସନ, ହରଡ଼ଡାଲି, ଗୁଟଖା ବଜାରରେ ଉପଲବ୍ଧ ହେଉଛି। ଅନେକ ପ୍ରାଣ ରକ୍ଷକ ଔଷଧ ନକଲି। 'ବିଶ୍ୱାସ'ରେ ଲୋକ 'ବିଷ' ବ୍ୟବହାର କରୁଛନ୍ତି। ମେଡ଼ଇନ, ମେଡଆଜ୍ ଦୁଇଟି ବିଭିନ୍ନ ବୋଧକ ଶବ୍ଦ। ୟୁଏସ୍‌ଏ ତିଆରି ଯେ ଆମେରିକା ସମ୍ବନ୍ଧ ଏହା ବି ଭ୍ରାନ୍ତିରେ ଅନେକଥର ଲୋକଙ୍କୁ ପକାଇଛି ଉଲ୍ଲାସ ନଗର ସନ୍ଧି ଆସୋସିଏସନ ପରି ଅନେକ ପ୍ରକାର ବ୍ୟାଖ୍ୟା ହୋଇପାରେ। ପ୍ଲାଷ୍ଟିକ ସର୍ଜରୀ ଯୁଗରେ ଏକ ଅସୁନ୍ଦରକୁ ସୁନ୍ଦର କରାଯାଇପାରେ ପୁଣି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ମୁଖର ଢ଼ାଞ୍ଚା ବଦଳା ଯାଉଛି। ଏବେ କେହି ଜେଜେ, ଜେଜେମାଆ, ଅଜାଆଇ ହେବାକୁ ଚାହୁଁନାହାଁନ୍ତି, କେଶ କଳପ କରି କେଶ ବା ଦାଢ଼ୀ ନିଶ କଳପ କରୁଛନ୍ତି। ଛପା କାର୍ଯ୍ୟର ଆଧୁନିକ ଯନ୍ତ୍ରପାତି କମ୍ପ୍ୟୁଟର ଏପରି ଲଗାମଛଡ଼ା ଯେ କାର୍ଟୁନ ରାପର ଲେବଲ ଛପାଯାଇ ଦାମୀ କମ୍ପାନୀର ଲେବଲ ରାପର ସମତୁଲ୍ୟ କରି ଦିଆଯାଉଛି। ମୁଦ୍ରା ନୋଟ ବି ଜାଲ କରି ଛପା ଚାଲିଛି। ଦେଶରେ ହଜାର ଟଙ୍କା ୫୦୦ ଟଙ୍କାର ନୋଟ ରଦ୍ଦ କରାଗଲା ଏ ପଛରେ ଏମିତି ଜାଲନୋଟ ଅନ୍ୟ ଦେଶରୁ ଏ ଦେଶକୁ ଚୋରା ଚାଲାଣ ଖବର ଶୁଣାଯାଉଥିଲା। ରାତାରାତି ବଡ଼ ଧନୀ ହେବା ମୋହ ଲୋକଙ୍କୁ ଗ୍ରାସ କରିସାରିଛି। ମନୁଷ୍ୟଙ୍କୁ ଏକ ବୋକାଜୀବନ କିଛି ମନୁଷ୍ୟ ଭାବି ନେଲେଣି। ଘରପାଖରେ ଦୋକାନ ତା ମୁହଁକୁ ସବୁଦିନେ ଗ୍ରାହକ ଦେଖୁଛନ୍ତି ତାକୁ ବିଶ୍ୱାସ କରି ତାଠାରୁ ପଣ୍ୟଦ୍ରବ୍ୟ କିଣୁଛନ୍ତି ମାତ୍ର ସେ ଯେଉଁଠୁ ପାଇକାରୀରେ ଜିନିଷ କିଣୁଛନ୍ତି ସଚ୍ଚା ଜିନିଷ ଠାରୁ ଅନେକ ଶସ୍ତାରେ ଜିନିଷ କିଣିବା ଓ ସଚ୍ଚା ଜିନିଷ ଦରରେ ବିକ୍ରୟ କରିବା ଦେଖାଉଛି। ଯାହା ଭୋଜନରେ ଆସୁଛି ତହିଁରେ ବହୁ ଜିନିଷ ନକଲି ଥିବାବେଳେ ବାହ୍ୟ ପ୍ରୟୋଗ ପୂଜା ହୋମ, ଦୀପଜଳା ପାଇଁ ବହୁ ଭେଜାଲ ନକଲି ଜିନିଷ ଲୋକେ କିଣି ଚାଲିଛନ୍ତି। ଏଥିରେ ବିବେକ ଶୂନ୍ୟ ହୋଇ ଧର୍ମ ଚେତନାରୁ ଲୋକେ ଦୂରେଇଯିବାକୁ ଲାଗିଲେଣି। ଜ୍ୟୋତିଷରେ ନକଲିର 'ନ' ଅକ୍ଷର ଓ ଅସଲି 'ଅ' ଅକ୍ଷର ଦୁଇଟି ନାମର ଆଦ୍ୟାକ୍ଷରକୁ ନେଲେ (ଅ) କୃତ୍ତିକା ମେଶରେ, 'ନ' ଅକ୍ଷର ଅନୁରାଧା ନକ୍ଷତ୍ର ସଂଶ୍ଳିଷ୍ଟ ବିଛାରାଶିରେ ରହିଛି। ମେଷ ଓ ବିଛାର ମାଲିକ ଏକ ଗ୍ରହ ମଙ୍ଗଳ ମାତ୍ର। ମେଷ (+)ରାଶି, ମେଷ(-), ମେଷରୁ ୮ମ ରାଶି ବିଛା ଓ ବିଛାରୁ ୬ଷ୍ଠ ରାଶି ମେଷ, ବିଂଶୋତ୍ତରୀ ତ୍ରିପୁଟୀ ନକ୍ଷତ୍ର ମାଲିକନା ଧାର୍ଯ୍ୟରେ କୃତ୍ତିକାର ମାଲିକ ରବି ଓ ଅନୁରାଧାର ମାଲିକ ଶନି। ଏପରି କ୍ରମ ଶତୃତା ଭାବ ପରସ୍ପର ଦର୍ଶାଏ। ଆତ୍ମ ଶତୃତା ସାଂଘାତିକ ନିଜର କିଛି ଭ୍ରମ କ୍ରିୟା ନିଜ ବ୍ୟକ୍ତିକୁ ଶତୃତାର ଦିଗକୁ ନେଇଆସନ୍ତି। ଜ୍ୟୋତିଷ ଶାସ୍ତ୍ର ମାର୍ଫତ ଅନେକ ଅପରାଧ ସମାପ୍ତ ହୋଇପାରେ ଅନେକ ଅପରାଧି ଚିହ୍ନଟ ହୋଇପାରନ୍ତି। କ୍ୱାଲିଟ କଣ୍ଟ୍ରୋଲ କ୍ରିୟା ଜ୍ୟୋତିଷ ଶାସ୍ତ୍ର ପଦ୍ଧତିରେ ସୂକ୍ଷ୍ମରେ କରାଯାଇପାରେ। ସ୍କଟଲ୍ୟାଣ୍ଡୟାର୍ଡ଼ ପୋଲିସ ଶକ୍ତିଶାଳୀ ବିଶ୍ୱାସ ଯୋଗ୍ୟ ପୋଲିସ ସଂସ୍ଥା। ଯାହା ବିଶ୍ୱ ବିଦିତ। ଥରେ ଏକ ମର୍ଡ଼ର କେଶ ତଦନ୍ତରେ ଗୋଲକ ଧନ୍ଦାରେ ପଡ଼ି ବହୁ ସମୟ ବ୍ୟର୍ଥ କଲେବି ଅସଲି ଅପରାଧିକୁ ଧରି ପାରିନଥିଲେ। ବିଖ୍ୟାତ ଜ୍ୟୋତିଷୀ 'କିରୋ' ତତ୍ ସମୟ ପୋଲିସ ଅଧିକର୍ତ୍ତାଙ୍କୁ ତାଙ୍କର ପରିଚୟ ଦେଇ ମାମଲା ତଦନ୍ତରେ ତାଙ୍କୁ କିଛି ଦାୟିତ୍ୱ ଦେବାକୁ ଅନୁରୋଧ କରିଥିଲେ ଶେଷରେ ତାଙ୍କରି ବିଦ୍ୟା ଚାତୁରୀରେ ପ୍ରକୃତ ଦୋଷୀ ଧରାପଡ଼ିଥିଲା ଯେ ସତ୍ୟ ସ୍ୱୀକାର କରିଥିଲା। ଜ୍ୟୋତିଷରେ ଅସଲି - ନକଲି ଚିହ୍ନିବା ପନ୍ଥା ଅଛି। ଯାହା ଧରାପଡ଼ିବା ବ୍ୟକ୍ତିମାନେ ବଦଲା ଆକ୍ରମଣରେ ଶାସ୍ତ୍ରକୁ ଧ୍ୱଂସ କରିବା ସମ୍ଭବ ନ ହେଲେ ବି ଶାସ୍ତ୍ର ପ୍ରୟୋଗ କର୍ତ୍ତାର ଜୀବନ ହରାମ କରିଦେବେ। ପୁଣି ରାଜବାହୁ ଛାୟା ଆଶ୍ରିତଙ୍କ ଏମାନେ ଥିବାରୁ ନାନା ପ୍ରକାର କୁକୋର୍ଡ଼ ବା ମିଥ୍ୟା କୋର୍ଡ଼ରେ ଆକ୍ରାନ୍ତ ହୋଇ ଜେଲ ଭୋଗ ସମ୍ଭାବନା ରହିଛି। ପ୍ରସ୍ତୁ ହେବା ଅସଲି ଦ୍ରବ୍ୟର ତାରିଖ, ତାର ବ୍ୟାଚ ନମ୍ବର, ସ୍ଥାନ, ସଂସ୍ଥା ନାମ, ଦ୍ରବ୍ୟର ନାମ ଓ ଶେଷ ବିକ୍ରେତା ଆଦି ବିକ୍ରେତାର ସମ୍ବନ୍ଧରୁ ଓ ଦ୍ରବ୍ୟ ଉପରେ ସନ୍ଦେହ ଆସିବାରୁ ହିଁ ଜ୍ୟୋତିଷୀ ଗଣନା ବିଭିନ୍ନ ପ୍ରକାର କରି ସିଦ୍ଧାନ୍ତ କରିପାରନ୍ତି। ରସାୟନ ବିଶ୍ଳେଷଣ ପଦ୍ଧତି, ବିଚକ୍ଷଣ ଜ୍ୟୋତିଷୀଙ୍କୁ ଜଣାଥିଲେ ଏହା ତୃଣମୂଳ ଖୋଜରୁ ତାଳପତ୍ର ପର୍ଯ୍ୟନ୍ତ ଦେଶ କାଳ ପାତ୍ର ଧରିପାରନ୍ତି। ତେବେ ଜ୍ୟୋତିଷୀଙ୍କୁ ପ୍ରଥମେ ରସାୟନ ପ୍ରସ୍ତୁତର ମୂଳ ଉପାଦାନ ଓ ଯୌଗିକ ଉପାଦାନ ବିଷୟରେ ପାଠ ଜାଣିବା ଜରୁରୀ। ଲୋକ ଧାରଣା ଜ୍ୟୋତିଷୀ କିଛି ବହି କମ୍ପ୍ୟୁଟର ଗ୍ରହ, ନକ୍ଷତ୍ର ସମ୍ବନ୍ଧ ଧରି ମନୁଷ୍ୟର ଭାଗ୍ୟ କହନ୍ତି ଯାହା ହୋଇପାରେ ନହୋଇପାରେ। ନହେବାକୁ ଦର୍ଶାଇ ତାକୁ ପୂଜାପାଠ ଗ୍ରହ ଶାନ୍ତି କବଚ, ଗ୍ରହପଥର ମାର୍ଫତ କରାଇବା ଚେଷ୍ଟାରେ ଗ୍ୟାରେଣ୍ଟି ଦେଇ ରୋଜଗାର କରନ୍ତି। ପ୍ରକୃତରେ କୌଣସି ବିଜ୍ଞ ଜ୍ୟୋତିଷୀ ଏପରି କରନ୍ତି ନାହିଁ। କଠୋର ସତ୍ୟ କଥା କହି ସମାଜ ସୁଧାର ଚେଷ୍ଟା କରନ୍ତି। ଅସଲି ନେତା ଯେ ନିଜର ପ୍ରିୟଜନ ବୁଝେ ତାର ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ବୁଝାଏ। ଓଡ଼ିଶାରେ ଅନେକ ଚାଷ କୃଷି ନାହିଁ। ଲୋକେ କିନ୍ତୁ ତାକୁ ଭୋଜ୍ୟ ଦ୍ରବ୍ୟରେ ରଖୁଛନ୍ତି ବ୍ୟବହାର କରୁଛନ୍ତି। ରାସ୍ତାରେ ଏତେ ଗାଡ଼ି ଚାଲୁଛି ହେଲେ ତାର ଇନ୍ଧନ ଓଡ଼ିଶାରେ ଆମଦାନୀ ନାହିଁ। ଗହମ, ସୋରିଷ, ହରଡ଼, ମସୁର, କପା ଚାଷ ଓଡ଼ିଶାରେ ଓଡ଼ିଆ ଲୋକ ବ୍ୟବହାର ଚାହିଦା ଦୃଷ୍ଟେ ହେଉଛି କି? ପିଆଜ ମଧରେ ମଧରେ ଉପଭୋକ୍ତାଙ୍କୁ କନ୍ଦାଉଛି ଏଥିରେ କଣ କ୍ରନ୍ଦନ ରୋଧ ଚିନ୍ତା ହେଉଛି କି? ଲୋକଙ୍କୁ 'ଶ୍ରମ ମୋହର ନିଜ ଗୁରୁ' କାହିଁକି ଶିକ୍ଷା ଦିଆ ନଯାଇ ସର୍ବଦା 'ମୋ' ଲଗାଇ ଯୋଜନାମାନ ଲଗାଯାଉଛି। 'ମୋ ଶ୍ରମର ମଜୁରୀ'ରେ ଛାତ୍ର, ଶ୍ରମିକ, କୃଷକ, ନେତାଗଣ କଣ ବ୍ରତୀ ହୋଇ ଫଳ ଭୋକ୍ତା ହୁଅନ୍ତେ ନାହିଁ। ସରକାରୀ କର୍ମଚାରୀ ଯେଉଁ ସମୟତ ଚାକିରୀରେ ମୁତୟନ ସେହି ସମୟତକ 'ମୋ ଶ୍ରମ'ର ପରିସରର କାର୍ଯ୍ୟ ସଂକଳ୍ପ କରି କାମ କରନ୍ତେ ତେବେ କୋର୍ଟରେ ବାକି ମାମଲା ରହନ୍ତା ନା ଅଫିସରେ ଫାଇଲ ପଡ଼ନ୍ତା। ଏସବୁ କିଏ ଚେତାଇବ? ଏଥିରେ ଅସଲି-ନକଲି ଚିନ୍ତାଧାରା ଜଡ଼ିତ। କଳାଧନ, ଧଳାଧନ ଦୁଇ ଜଣ ଆମ ରାଜ୍ୟର ଜଗନ୍ନାଥ ବଳଭଦ୍ର। କଳାଘୋଡ଼ା-ଧଳାଘୋଡ଼ା ଏଥିରେ ଚଢ଼ିଲେ ମ୍ଳେଚ୍ଛ ସଂହାର କରିବେ ମେଳଛଅ ତ ମ୍ଳେଚ୍ଛ, ଏହାର ଅର୍ଥ ଛଅ ରିପୁ ବଶ୍ୟମାନେ ହିଁ ଦମନ ହେବେ। ଏହାର ଉଦୟ ହୋଇ ମଧାହ୍ନ ଦିଗକୁ ବଢ଼ି ଚାଲିଛି ଏଣୁ ସାଧୁ ସାବଧାନ ଦମନ ସଂହାର ବହୁବେଳ ଡେରିନୁହଁ।

+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

## କବିତା କୋଣାର୍କ

### ଘର ଚଟିଆ...

କୁନା ସେଠୀ



ଘର ଚଟିଆର କିଚିରି ମିଚିରି
ଶୁଣିବାକୁ ଆଉ ମିଳୁନି
ଚାଳ ଘର ସବୁ ପକ୍କା ହୋଇଗଲା
ବସା ତାର ଆଉ ଦିଶୁନି ।

ଛୋଟିଆ ପକ୍ଷୀ ସେ ଡେଣା ତାର ଛୋଟ
ଆକାଶରେ ଆଉ ଉଡୁନି
ବିଦ୍ୟୁତ୍ ଖୁଣ୍ଟରେ ଅବା ସେ ତାର ରେ
ବସି ଆଉ ଡେଣା ଝାଡୁନି ।

ସକାଳରୁ ସଞ୍ଜ ତାର କୋଳାହଳ
ଶୁଣିବାକୁ ଆଉ ମିଳୁନି
ଧାନ,ମୁଗ,ବିରି,ଖାଇବା ପାଇଁ କି
ଚଟିଆ ଙ୍କ ଧାଡ଼ି ଲାଗୁନି ।

ଜେଜେମା ଆଉ ବାଡି ଟିଏ ଧରି
ଫୁରୁ ଫୁରୁ ରଡ଼ି ଛାଡୁନି
ଘର ଚଟିଆ ର ଉତ୍ପାତ ରେ ଆଉ
ଜେଜେମା ବିରକ୍ତ ହେଉନି ।

ପ୍ରକୃତିର ଏଇ ଛୋଟିଆ ପକ୍ଷୀଟି
ରାସ୍ତା ଉପରେ ତ ଦିଶୁନି
ପିଲା ବେଳ ପରି ଧରିବାର ପାଇଁ
ତାହା ପଛରେ ମୁଁ ଧାଉନି ।

ଜନ ବଢ଼ି ଚାଲେ ବଢ଼ି ଚାଲେ ସବୁ
ଅବଶ୍ୟ ପୂରଣ ହେଉନି
ଗଛଲତା କାଟି ମଣିଷ ସମାଜ
ପ୍ରକୃତି ମର୍ଯ୍ୟାଦା ରଖୁନି ।

ଆପଣା ହସ୍ତରେ ଜିଭ କାଟି ନିଜ
ନିଜର ସୁରକ୍ଷା ଚିନ୍ତୁନି
ଅନ୍ୟର ବସାକୁ ଭାଙ୍ଗି ଦେଇ ନିଜେ
ଅନ୍ୟ କଥା ଚିନ୍ତା କରୁନି ।

କେବେ ସେ ବୁଝିବ କେବେ ସେ ଚିନ୍ତିବ
ସେ କଥା ଟିକୁ ସେ ଭାବୁନି
ନ ଚିନ୍ତିଲେ ସିଏ ଚଟିଆ ଭଳିଆ
ଦିନେ ଆଉ ଦେଖା ଯିବନି ।

+ଭୂତସରସିଙ୍ଗି,ଗଞ୍ଜାମ

### ବାଲିଧୂଳି ଖେଳ...

ପ୍ରଶାନ୍ତ କୁମାର ନାଥ



ଥିଲା ପିଲାଦିନ ନିଆରା ସପନ
ଅତୀତରେ ଗଲା ରହି
ସେହି ଅତୀତକୁ ଯେତେ ଝୁରିଲେବି
ଆଜି କାହିଁ ମିଳେ ନାହିଁ ।

ବାଲିଧୂଳି ଖେଳ ସାଙ୍ଗସାଥୀ ମେଳ
ଏବେ ଆଉ ଦିଶୁନାହିଁ
ସଡେଇରେ ଭାତ ସଡେଇରେ ଡାଲି
ଆଜି କେହି ରାନ୍ଧୁ ନାହିଁ ।

ରାଜାରାଣୀ ଖେଳ ଖେଳ'ନି କେହି
ହଜିଗଲା ବୋହୂଚୋରି
ଆଜିତ ଅଛପା ହେବାକୁ ଗଲାଣି
ଲୁକାଛୁପି ଆଉ ମେରି ।

ଗୁଲି ଗୋଟି ଖେଳ ଭୁଲିତ ଗଲେଣି
ଭୁଲିଲେଣି ବାଲିଘର
ତାଳ ଚକା ଗାଡି ଗଢିବା ପାଇଁକି
କା ପାଖରେ ନାହିଁ ବେଳ ।

ହଜି ଯାଇଅଛି କାଠିଡିଆଁ ଖେଳ
ନଡିଆ ବାହୁଙ୍ଗା ଟଣା
ଆଧୁନିକ ପାଲେ ପୂର୍ବ ସ୍ମୃତି ସବୁ
ହୁଏ ଆଜି ବାଟବଣା ।

ଶାରୀରିକ କ୍ଲା' ମାନସିକ ଶା'
ଆଜି ଆଉ ମିଳୁନାହିଁ
ଅନଲାଇନ୍‌ରେ ଖେଳ ଖେଳୁଥିଲେ
ମନ ଜମା ବୁଝୁ ନାହିଁ ।

ବାଲିରେ ଧୂଳିରେ ଖେଳିବାର ମଜା
ପିଲା ଆଉ ପାଉନାହିଁ
ହେଲା ପକ୍କାଘର କଂକ୍ରିଟ୍ ସଡକ
ଧୂଳି ବା ମିଳିବ କାହିଁ ।

+ସୁନ୍ଦରପୁର,ଉତ୍ତରକୂଳ
ହାଟ,ପ୍ରୀତିପୁର,ଯାଜପୁର
ମୋ-୦୮୮୯୨୩୦୧୧୪୩

# !! ମାଇଚିଆ !!

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ
ଦୂରଭାଷ.: ୯୪୩୭୩୨୪୯୧୭

ପୁରୁଷ ଶରୀରରେ ନାରୀର ଆଚରଣ କରୁଥିବା ମଣିଷକୁ ସାଧାରଣତଃ ମାଇଚିଆ ବା ହିଂଜଡ଼ା ବୋଲି କୁହାଯାଏ ! କିନ୍ତୁ ପ୍ରକାଣ୍ଡ ପୌରୁଷତ୍ୱ ପ୍ରଦର୍ଶନ କରୁଥିବା ମଣିଷ ନାରୀର ଚରିତ୍ର ପ୍ରବାହ କଲେ ତାକୁ କ'ଣ କୁହାଯିବ ? !!

ମାଇଚିଆ ବା ହିଂଜଡ଼ା ବୋଲି ଆମେ କାହାକୁ କହୁ ସମସ୍ତେ ଜାଣନ୍ତି । ତେଣୁ ବର୍ତ୍ତମାନର ସାମାଜିକ ଗ୍ରହଣୀୟ ହିଂଜଡ଼ାକୁ ବ୍ୟାଖ୍ୟା କରିବା ଆବଶ୍ୟକ ନୁହେଁ ବୋଲି ଆମ ବିଚାର । କିନ୍ତୁ ଯଥେଷ୍ଟ ପୌରୁଷତ୍ୱ ପ୍ରଦର୍ଶନ କରୁଥିବା ମଣିଷ ମାଇଚିଆ ଭଳି ଚରିତ୍ର ପ୍ରବାହ କଲେ ତାକୁ କ'ଣ କୁହାଯିବ ଆଲୋଚ୍ୟ ବିଷୟ ! କାରଣ ସାଧାରଣରେ କୌଣସି ପ୍ରାକୃତିକ ବିଡମ୍ବନା ହେତୁ କେତେକ ପୁରୁଷଙ୍କ ଶରୀରରେ ସ୍ତ୍ରୀ ଅଙ୍ଗ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କ ଆଚରଣ, ବ୍ୟବହାର ଏବଂ ସାମାଜିକ ଚଳିଚଳନ ସ୍ତ୍ରୀ ଭଳି ହୋଇଥାଏ ଯାହାଙ୍କୁ ଆମେ ମାଇଚିଆ ବା ହିଂଜଡ଼ା ବୋଲି କହୁ । ଏମିତିକି ପୂର୍ବାପେକ୍ଷା ବର୍ତ୍ତମାନ ସମୟରେ ସେହିଭଳି ପ୍ରାକୃତିକ ବିଡମ୍ବନା ଜନିତ ମଣିଷଙ୍କ ଜନ୍ମହାର ପ୍ରବଳ ମାତ୍ରାରେ ବୃଦ୍ଧି ପାଇଥିବା ହେତୁ ସେମାନଙ୍କୁ ତୃତୀୟଲିଙ୍ଗି ମଣିଷର ମାନ୍ୟତା ଦେଇଛି ସମାଜ । କିଛି ପ୍ରାକୃତିକ ବିଡମ୍ବନା ସହିତ ବ୍ୟକ୍ତିଗତ ଭାବନା ଏବଂ ଆଚରଣ ହେତୁ ସେମାନଙ୍କୁ ସାଧାରଣ ମଣିଷଙ୍କ ଅପେକ୍ଷା ଭିନ୍ନ ଏକ ପରିବେଶ, ପରିସ୍ଥିତିରେ ବଂଚିବାକୁ ପଡିଥାଏ ଯାହା ସାଧାରଣ ସାମାଜିକ ମଣିଷଙ୍କଠାରୁ ଅନେକ ଭିନ୍ନ । ହେଲେ ସେମାନେ ମଧ ସାଧାରଣ ମଣିଷଙ୍କ ଭଳି ମଣିଷ ଯାହାଙ୍କ ସମାନ ସାମାଜିକ ଅଧିକାର ତଥା ମାନ୍ୟତା ରହିବା ଆବଶ୍ୟକ, ଯେହେତୁ ସେମାନେ ମଧ ମଣିଷ । ସେମାନେ ଅନେକ କ୍ଷେତ୍ରରେ କେତେକ ସାମାଜିକ ଅଗ୍ରହଣୀୟତା ହେତୁ ନିଜକୁ ସାଧାରଣ ମଣିଷ ସମାଜଠାରୁ ଦୁରେଇ ରଖି ଭିନ୍ନ ଏକ ପରିସ୍ଥିତିରେ ବଂଚୁଥିବା ସ୍ୱୀକାର୍ଯ୍ୟ । କିନ୍ତୁ ବାସ୍ତବ କ୍ଷେତ୍ରରେ ସେମିତି କୌଣସି ଭିନ୍ନତା ବା ସାମାଜିକ ଅଗ୍ରହଣୀୟତା କରାଯିବା ଉଚିତ ନୁହେଁ, କାରଣ ସେମାନେ ମଧ ଆମ ଭଳି ମଣିଷ । କେବଳ ଏହାଯେ ସେମାନଙ୍କ ଶାରୀରିକ ଗଠନ ଏବଂ ଆଚରଣ ବିଧି ଏକ ସଂଖ୍ୟାଲଘୁ ଶ୍ରେଣୀଭୁକ୍ତ ଯାହା ସାଧାରଣ ମଣିଷଙ୍କ ତୁଳନାତ୍ମକ ଯଥେଷ୍ଟ କମ୍ । ତଥାପି ସେମାନେ ମଧ ଆମଭଳି ଗୋଟିଏ ଗୋଟିଏ ପ୍ରାକୃତିକ ରଚନା ହୋଇଥିବା ହେତୁ ସେମାନଙ୍କୁ ସାମାଜିକ ଗ୍ରହଣୀୟତା ସମାନଭାବେ ଦିଆଯିବା ମାନବୀୟତାର ପରିଚୟ । କୌଣସି କ୍ଷେତ୍ରରେ ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯିବା କିମ୍ବା ସାମାଜିକ ଅସମାନତା ପ୍ରଦର୍ଶନ କରିବା ଅମାନବୀୟ ଚିଂନ ।

ଆଲୋଚ୍ୟ ବିଷୟଟି ମାଧମରେ ଆମେ ସାଧାରଣ ମଣିଷ ମାନଙ୍କୁ ଚେତେଇଦେବା ଲକ୍ଷ ଏହାଯେ ବାସ୍ତବିକ ମାଇଚିଆ ବା ହିଂଜଡ଼ା ବୋଲି କୁହାଯାଉଥିବା ମଣିଷ ମାନଙ୍କୁ ମାଇଚିଆ ବୋଲି କହିବା ଅଯୌକ୍ତିକ ! କାରଣ ସେମାନଙ୍କ ଆଚରଣ, ବ୍ୟବହାର, ଶରୀର ଗଠନ ପ୍ରଣାଳୀ, ପ୍ରକାଶ ଇତ୍ୟାଦି କିଛିଅଂଶ ସେମାନଙ୍କ ସ୍ୱତଃ ପ୍ରବୃତ୍ତ ହୋଇଥବା ବେଳେ ଅନ୍ୟକେତେକ ଦୃଷ୍ଟିକୋଣରୁ ସେମାନଙ୍କୁ ଜନ୍ମଦାତ୍ରୀ ପ୍ରକୃତି ସେହିଭଳି ଗଠନ କରିଥିବା ସ୍ୱୀକାର୍ଯ୍ୟ । ତେଣୁ ସେମାନଙ୍କ ଭିନ୍ନ ଏକ ସମାଜକୁ ସାମାଜିକ ମାନ୍ୟତା ଦେଇ ତୃତୀୟ ଲିଙ୍ଗି ଭାବେ ସମାଜ ଗ୍ରହଣ କରିଥିବା ହେତୁ ସେମାନଙ୍କୁ ମାଇଚିଆ ବୋଲି କହିବା କୌଣସି ଦୃଷ୍ଟିରୁ ଯୌକ୍ତିକ ହେବନାହିଁ ବୋଲି ଆମର ବିଶ୍ଲେଷିତ ମତ ! ହେଲେ ବାସ୍ତବିକ ମାଇଚିଆ ଶବ୍ଦର ପ୍ରୟୋଗ କେଉଁଠାରେ କରାଯିବା ବିଧେୟ ବିଶ୍ଳେଷଣ କରି ଦେଖିଲେ ଜାଣିହେବ ଯେ........

କେତେକ ମଣିଷ ନିଜର ଦକ୍ଷତା ବା ପୌରୁଷତ୍ୱ ଦେଖାଇ କୌଣସି କାର୍ଯ୍ୟ କରୁଥିବା ବେଳେ ସେହି କାର୍ଯ୍ୟ ଜନିତ ବାଧାବିଘ୍ନ ଗୁଡିକୁ ସମ୍ମୁଖୀନ କରିବାର କ୍ଷମତା ତଥା ସମସ୍ୟାର ସମାଧାନ କରିବାର ସାମର୍ଥ୍ୟ ନରଖିଥାଇ ଅନ୍ୟ ଉପରେ ଦୋଷ ନଦିଦେବା ଗୋଟିଏ ମାଇଚିଆର ଲକ୍ଷଣ ! କେତେକ କ୍ଷେତ୍ରରେ କାହାର ସାହାଯ୍ୟ, ଅନୁକମ୍ପାର ପାତ୍ର ହୋଇ ନିଜର ଦକ୍ଷତା ପ୍ରଦର୍ଶନ କରିବା ମଧ ଗୋଟିଏ ଅତି ମାଇଚିଆର ଲକ୍ଷଣ ! ଅର୍ଥାତ ଲୋକଙ୍କ ସମ୍ମୁଖରେ ନିଜର ବଡିମା ଦେଖାଇବାପାଇଁ କୌଣସିମତେ ନିଜ କ୍ଷମତା ବହିର୍ଭୁତ କାର୍ଯ୍ୟ କରିବା, ଏବଂ ତାପରେ ସେଇଥିରେ ଅକୃତକାର୍ଯ୍ୟ ହୋଇ ଅନ୍ୟ ଉପରେ ଦୋଷ ନଦିଦେବା କିମ୍ବା କାହାର ସାହାଯ୍ୟ ଭିକ୍ଷା କରିବା ହିଁ ପ୍ରକୃତ ମାଇଚିଆର ପରିଚୟ ବୋଲି ଆମ ବିଚାର ! କାରଣ ସ୍ତ୍ରୀ ମାନଙ୍କ ପାଖରେ ଏହି ଲକ୍ଷଣ ଯଥେଷ୍ଟ ପରିମାଣର ଦେଖିବାକୁ ମିଳେ ଯେ ସେମାନେ କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହେଲେ ସ୍ଥଳ ବିଶେଷକୁ ନେଇ ଅନ୍ୟ ଉପରେ ଦୋଷ ଭାର ନଦି ଦିଅନ୍ତି, କେତେବେଳେ କାହାର ସହାୟତା ଲୋଡିଥାନ୍ତିତ ଆଉ କେତେବେଳେ ସେମାନଙ୍କ ନମନୀୟ ଚରିତ୍ର ହେତୁ ନିଜର ଦୁର୍ବଳତା ସ୍ୱୀକାର କରି ନିଜକୁ ଅକ୍ଷମ ପ୍ରକାଶ କରିଥାନ୍ତି ! ଏହା ସେମାନଙ୍କ ଗୋଟିଏ ପ୍ରକୃତିଦତ୍ତ ଚରିତ୍ର ଯାହା କେହି ଅସ୍ୱୀକାର କରିପାରିବେ ନାହିଁ ! ପୁରୁଷର ଅହଂଭାବ ହେତୁ କୌଣସି କ୍ଷେତ୍ରରେ ନିଜର ଦୁର୍ବଳତା ସ୍ୱୀକାର କରିବା ପାଇଁ ଯଥେଷ୍ଟ କୁଣ୍ଠାବୋଧ କରୁଥିବା ମଧ ଗୋଟିଏ ପ୍ରାକୃତିକ ଚରିତ୍ର ଯାହା କେହି ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ କେତେକ କ୍ଷେତ୍ରରେ ପୁରୁଷ ମାନେ ମଧ ନିଜର ଅକ୍ଷମତା ସ୍ୱୀକାର କରୁଥିବା ଦେଖିବାକୁ ମିଳେ ! ସେତିକିବେଳେ ନିଜର ଅକ୍ଷମତା ସ୍ୱୀକାର କରୁଥିବା ପୁରୁଷଙ୍କ କୌଣସି ସାମାଜିକ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇନଥାଏ, ବରଂ ବଢ଼ିଯାଇଥାଏ ଯେହେତୁ ସେମାନେ ସତ୍ୟକୁ ସାମ୍ନା କରିଥାନ୍ତି ! କିନ୍ତୁ ଯେଉଁ ପୁରୁଷ ନାରୀ ଭଳି ଆଚରଣ ପ୍ରକଟ କରିଥାନ୍ତି, ଅର୍ଥାତ ନିଜର ଦୁର୍ବଳତାକୁ ସ୍ୱୀକାର କରିବା ବିପରୀତେ କାହା ଉପରେ ଦୋଷ ନଦିଦେଇ ନିଜକୁ ମିଥ୍ୟା ପ୍ରତିଭାଧାରୀ ଭଳି ସମାଜରେ ପ୍ରଦର୍ଶନ କରୁଥାନ୍ତି ସେହିମାନେ ହିଁ ପ୍ରକୃତ ନପୁଂଷକ ବା ମାଇଚିଆ ବୋଲି କୁହାଯିବା ଯୋଗ୍ୟ !

କାହାର ଦୋଷ ଦୁର୍ବଳତା କିମ୍ବା ଷଡ଼ଯନ୍ତ୍ରକୁ ଯଦି ଖଣ୍ଡନ କରିବାର କ୍ଷମତା ନାହିଁ ସେହି ସ୍ଥାନରେ ନିଜର ମିଥ୍ୟା ପୌରୁଷତ୍ୱ ଦେଖାଇ ନିଜକୁ ଅତିବଢ଼ି ଭାବେ ପ୍ରଦର୍ଶନ କରିବା ଆବଶ୍ୟକତା କେଉଁଠି ରହିଥାଏ ଆମ ଭାବ ବହିର୍ଭୁତ ବିଷୟ ! କାରଣ କୌଣସି ସ୍ଥାନରେ ସମାଧାନ କରିପାରିବା ଭଳି କ୍ଷମତା ପ୍ରଦର୍ଶନ କଲେ ନିଜେ ଭୂତ, ବର୍ତ୍ତମାନ, ଭବିଷ୍ୟତର ସମସ୍ତ ଘାତପ୍ରତିଘାତକୁ ପାର କରିପାରିଲେ ହିଁ ପ୍ରକୃତ ପୌରୁଷତ୍ୱର ପରିଚୟ ପ୍ରଦାନ କରିହେବ । କିନ୍ତୁ ସେହି କ୍ଷେତ୍ରରେ ନିଜର ଦୁର୍ବଳତାକୁ ଅନ୍ୟ ଉପରେ ନ୍ୟସ୍ତ କରିବା କିମ୍ବା କାହାକୁ ଦୋଷାରୋପ କରୁଥିବା ମଣିଷକୁ ମାଇଚିଆ ବୋଲି କୁହାଯିବା ବିଧେୟ । ଏମିତି ଅନେକ ଉଦାହରଣ ଦେଖିବାକୁ ମିଳୁଛି ଆମ ସମାଜରେ ଯେ ଛୋଟ ଠାରୁ ଆରମ୍ଭ କରି ଅତି ଉଚ୍ଚ ସ୍ଥାନରେ ଅବସ୍ଥିତ କେତେକ ମଣିଷ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ସବୁବେଳେ ଅନ୍ୟ ଉପରେ ଦୋଷାରୋପ କରିଥାନ୍ତି ! କାରଣ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସେମାନଙ୍କ ଉପଯୁକ୍ତ କ୍ଷମତା ନଥାଇ କେବଳ ଦର୍ଶନୀରେ ଲୋକଙ୍କ ମନକୁ ଜିତିବା, ମୋହିତ କରିବା ଲକ୍ଷ ରଖି ସବୁବେଳେ ଅନ୍ୟର ଦୋଷ ଖୋଜି ବାହାର କରୁଥିବା ମଣିଷକୁ ବାସ୍ତବିକ ମାଇଚିଆ ବୋଲି କୁହାଯିବା ସମ୍ପୂର୍ଣ୍ଣ ବିଧେୟ । ସେମାନଙ୍କ ସେହି ଅକ୍ଷମତାକୁ ତର୍ଜମା ନକରି ପୌରୁଷତ୍ୱର ଆଖ୍ୟା ଦିଆଯିବା ଆଦୌ ଗ୍ରହଣୀୟ ନୁହେଁ । ତେଣୁ ଯେଉଁମାନେ ସାଧାରଣତଃ ସବୁବେଳେ ଅନ୍ୟର ଦୋଷ ଦୁର୍ବଳତା ଉପରେ ଚର୍ଚ୍ଚା କରିଥାନ୍ତି ସେହିମାନେ ହିଁ ପ୍ରକୃତ ମାଇଚିଆ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା.............!!

ଧନ୍ୟବାଦ !

> ଆଲୋଚ୍ୟ ବିଷୟଟି ମାଧମରେ ଆମେ ସାଧାରଣ ମଣିଷ ମାନଙ୍କୁ ଚେତେଇଦେବା ଲକ୍ଷ ଏହାଯେ ବାସ୍ତବିକ ମାଇଚିଆ ବା ହିଂଜଡ଼ା ବୋଲି କୁହାଯାଉଥିବା ମଣିଷ ମାନଙ୍କୁ ମାଇଚିଆ ବୋଲି କହିବା ଅଯୌକ୍ତିକ ! କାରଣ ସେମାନଙ୍କ ଆଚରଣ, ବ୍ୟବହାର, ଶରୀର ଗଠନ ପ୍ରଣାଳୀ, ପ୍ରକାଶ ଇତ୍ୟାଦି କିଛିଅଂଶ ସେମାନଙ୍କ ସ୍ୱତଃ ପ୍ରବୃତ୍ତ ହୋଇଥବା ବେଳେ ଅନ୍ୟକେତେକ ଦୃଷ୍ଟିକୋଣରୁ ସେମାନଙ୍କୁ ଜନ୍ମଦାତ୍ରୀ ପ୍ରକୃତି ସେହିଭଳି ଗଠନ କରିଥିବା ସ୍ୱୀକାର୍ଯ୍ୟ । ତେଣୁ ସେମାନଙ୍କ ଭିନ୍ନ ଏକ ସମାଜକୁ ସାମାଜିକ ମାନ୍ୟତା ଦେଇ ତୃତୀୟ ଲିଙ୍ଗି ଭାବେ ସମାଜ ଗ୍ରହଣ କରିଥିବା ହେତୁ ସେମାନଙ୍କୁ ମାଇଚିଆ ବୋଲି କହିବା କୌଣସି ଦୃଷ୍ଟିରୁ ଯୌକ୍ତିକ ହେବନାହିଁ ବୋଲି ଆମର ବିଶ୍ଲେଷିତ ମତ !

# ଆମାଜନ୍ ଓ ଫ୍ଲିପକାର୍ଟକୁ ଟକ୍କର ଦେବ 'Bharat e Market'




ଏବେ ଆପଣଙ୍କୁ ଅନଲାଇନ୍ ସପିଂ କରିବା ପାଇଁ ଆମାଜନ୍, ଫ୍ଲିପକାର୍ଟ ବ୍ୟତୀତ ଆଉ ଏକ ବଡ ପୋର୍ଟାଲ ମିଳିଯାଇଛି । ପ୍ରାୟ ୮ କୋଟି ବ୍ୟବସାୟୀଙ୍କ ସଂଗଠନ Confederation of All India Traders (CAIT) ଭେଣ୍ଡର ମୋବଇଲ ଆପ୍ଲିକେସନ୍‌କୁ ଦିଲ୍ଲୀରେ ଲଞ୍ଚ କରିଛି । ଯାହାକି ସିଧାସଳଖ ଭାବରେ ଆମାଜନ ଓ ଫ୍ଲିପକାର୍ଟକୁ ଟକ୍କର ଦେବ । ଏହା ସମ୍ପୂର୍ଣ୍ଣ ଭାବରେ ଇ-କମର୍ସ ପ୍ଲାଟଫର୍ମ ଅଟେ ।

ଏହି ପ୍ଲାଟଫର୍ମର ମୋବାଇଲ ଆପକୁ CAIT ଶୁଦ୍ଧ ଭାବରେ ଭାରତୀୟ ଇ-କମର୍ସ ପ୍ଲାଟଫର୍ମ ବୋଲି କୁହାଯାଇଛି, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୋକାଲ ଫର ଲୋକାଲ ଭିଜନ ଉପରେ ଆଧାରିତ । CAIT ଦାବି ଅନୁସାରେ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ ଏହି ପ୍ଲାଟଫର୍ମରେ ୭ ଲକ୍ଷ ଟ୍ରେଡର୍ସଙ୍କୁ ଯୋଡିବାର ଆଶା ରହିଛି । ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଏହି ପ୍ଲାଟଫର୍ମରୁ ୧କୋଟି ଟ୍ରେଡର୍ସ ଯୋଡି ହୋଇଯିବେ । ଏଭଳି ଯଦି ହୁଏ ତେବେ ବିଶ୍ୱର ସବୁଠାରୁ ବଡ ପୋର୍ଟାଲ ହୋଇଯିବ । ଅର୍ଥାତ ଆମାଜନ୍, ଫ୍ଲିପକାର୍ଟ ଓ ଆଲିବାବା ମଧ ପଛରେ ପଡିଯିବ ।

ଏହି ପୋର୍ଟାଲରେ ବ୍ୟବସାୟୀ (B2B) ଓ ବ୍ୟବସାୟୀଙ୍କଠାରୁ ଉପଭୋକ୍ତା ନିଜର ମାଲ୍ କିଣାବିକା କରିପାରିବେ । ଏଥିରେ 'ଇ-ଦୋକାନ' ଖୋଲିବା ପାଇଁ ପ୍ରତି ବ୍ୟକ୍ତିଙ୍କୁ ମୋବାଇଲ ଆପ୍ ଜରିଆରେ ସବୁଠାରୁ ପ୍ରଥମେ ନିଜର ପଞ୍ଜିକରଣ କରିବାକୁ ହେବ । ବ୍ୟବସାୟୀଙ୍କ ପାଇଁ ସବୁଠାରୁ ବଡ କଥା ଏହା ଯେ, ପୋର୍ଟାଲରେ କାରବାର କରିବା ପାଇଁ କମିଶନ୍ ନିଆଯିବ ନାହିଁ ।

CAIT କହିବା ଅନୁସାରେ, 'ଭାରତ ଇମାର୍କେଟ' ସହିତ ପ୍ରତି ଭାରତୀୟଙ୍କ ଘର ପର୍ଯ୍ୟନ୍ତ ପହଁଞ୍ଚିବ ଓ ବହୁତ କମ୍ ସମୟରେ ମାଲ୍ ଡେଲିଭରି କରିବାର ଲକ୍ଷ୍ୟ ହାସଲ କରିବ । CAIT ଦାବି କରିଛି ଯେ, 'ଭାରତ ଇ ମାର୍କେଟ' ସବୁଠାରୁ ଶସ୍ତାଦର ଉପରେ ଜିନିଷ ଓ ସେବା ଦେବ, ଯାହାକି କଞ୍ଜୁମରଙ୍କ ପାଇଁ ଖୁବ୍ ଲାଭଦାୟକ ହେବ । ଏହି ପୋର୍ଟାଲକୁ ତିଆରି କରିବା ପାଇଁ ନୂତନ ଅତ୍ୟାଧୁନିକ ଟେକ୍ନୋଲୋଜି, ଡେଲିଭରି ସିଷ୍ଟମ, ଜିନିଷର କ୍ୱାଲିଟି କନଟ୍ରୋଲ, ଡିଜିଟାଲ ପେମେଣ୍ଟ ଆଦି ରହିଛି । ଏବେ ପୋର୍ଟାଲ ୱେବ ଓ ଆଣ୍ଡ୍ରଏଡ୍‌ରେ ଆପ୍ ଉପରେ ଉପଲବ୍ଧ ରହିଛି । ଯାହାକୁ ଗୁଗୁଲ ପ୍ଲେଷ୍ଟୋରରୁ ଡାଉନଲୋଡ୍ କରାଯାଇପାରେ । iOS ରେ ମଧ ଏହାକୁ ଖୁବ୍ ଶୀଘ୍ର ଲଞ୍ଚ କରାଯିବ ।

# ଚଳନ୍ତା ସାଇକେଲରେ ଯୁବତୀଙ୍କ ଯୋଗାସନ



ସାଇକେଲ ଚଳାଇବା ସମସ୍ତଙ୍କୁ ଆସିଥାଏ । ଏହା ସଭିଙ୍କ ପାଇଁ ଖୁବ୍ ସହଜ କାମ । କିନ୍ତୁ ଆପଣ କେବେ କାହାକୁ ଚାଲୁଥିବା ସାଇକେଲ୍‌ରେ ଭୟଙ୍କର ଷ୍ଟଣ୍ଟ କରୁଥିବା ବା ଯୋଗ କରୁଥିବାର ଦେଖିଛନ୍ତି । ବାଇକ୍ ଉପରେ ଷ୍ଟଣ୍ଟ କରିବାର ରିଅଲ ଲାଇଫ୍ ଓ ଫିଲ୍ମରେ ଆମେ ଦେଖିଛେ । ହେଲେ ଚାଲୁଥିବା ସାଇକେଲ୍‌ରେ ଯୋଗାସନ ଓ ଷ୍ଟଣ୍ଟ କରିବାର କାହାକୁ ବୋଧ ହୁଏ ଆପଣ ଦେଖିନଥିବେ ।

ସୋସିଆଲ ମିଡ଼ିଆରେ ଜଣେ ଯୁବତୀଙ୍କର ଆଶ୍ଚର୍ଯ୍ୟ ଧରଣର ଭିଡ଼ିଓ ଭାଇରାଲ ହେଉଛି , ଯାହାକି ଚଳନ୍ତି ସାଇକେଲରେ ଯୋଗ କରିବା ସହ ଆହୁରି ଅନେକ ଭୟଙ୍କର ଷ୍ଟଣ୍ଟ ସେ କରୁଛନ୍ତି । ତାଙ୍କର ଏହି ଭିଡ଼ିଓ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏହି ଯୁବତୀଙ୍କ ଭିଡ଼ିଓ ସୋସିଆଲ ମିଡ଼ିଆରେ ଖୁବ୍ ଜୋରରେ ଭାଇରାଲ ହେଉଛି ।

Viola Brand ନାମକ ଏହି ଯୁବତୀଙ୍କର ବୟସ ୨୬ ବର୍ଷ ଏବଂ ସେ ନିଜର ଏହି ସାଇକେଲିଂ ସ୍କିଲ୍‌ରେ ପୂରା ଦୁନିଆକୁ ଚକିତ କରଦେଇଛି । ସେ ଜର୍ମାନୀରେ ରୁହନ୍ତି । Viola , ୬ବର୍ଷ ବୟସରେ ହିଁ ଆର୍ଟିଷ୍ଟିକ୍ ସାଇକେଲିଂର ଟ୍ରେନିଂ ନେବା ଆରମ୍ଭ କରିଦେଇଥିଲେ । ବର୍ତ୍ତମାନ ସେ ନିଜର ପାଠପଢ଼ା ଶେଷ କରିଛନ୍ତି

# OK ତ ସମସ୍ତେ କୁହନ୍ତି : କିନ୍ତୁ ଜାଣନ୍ତି କି ଏହାର ଫୁଲ୍ ଫର୍ମ କ'ଣ ?




ସବୁବେଳେ ଲୋକମାନେ କାହାର କଥାର ଯବାବ 'OK' କହିକି ଦେଇଥାନ୍ତି । ଆପଣଙ୍କ ସାଙ୍ଗ,ଅଫିସର କିମ୍ବା ଆଉ କାହା ସହିତ କଥା ହୋଇଥାନ୍ତି ଦୁଇଟି ଶବ୍ଦ 'OK' କୁ ବହୁତ ବ୍ୟବହାର ହୋଇଥାଏ । ତେବେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା 'OK' ର ଫୁଲ ଫର୍ମ କ'ଣ ? ଆସନ୍ତୁ ଆମେ ଆପଣଙ୍କୁ କହିବୁ ଓକେର ଅର୍ଥ କ'ଣ ? ଇଂରାଜୀ ଶବ୍ଦର ସବୁଠାରୁ ସାଧାରଣ ୱାର୍ଡ ଭିତରୁ ଅନ୍ୟତମ । OKର ଅର୍ଥ 'Olla Kalla'. ଏହା ଏକ ଗ୍ରୀକ୍ ଶବ୍ଦ ଅଟେ, ଯାହାର ଅର୍ଥ All correct । OK ଶବ୍ଦର ଜନ୍ମ ୧୮୨ ବର୍ଷ ପୂର୍ବେ ହୋଇଥିଲା ।

ଏହାର ବ୍ୟବହାର ଆମେରିକାର ସାମ୍ବାଦିକ ଚାର୍ଲସ୍ ଗୋର୍ଡେନ୍ ଗ୍ରୀନ୍ (Charles Gordon Greene)ଙ୍କ ଅଫିସରୁ ଆରମ୍ଭ ହୋଇଥିଲା । ୧୮୩୯ରେ ଲେଖ ଜାଣିଶୁଣି ଶବ୍ଦକୁ ବଦଳାଇଥିଲେ ଓ ପ୍ଲେଫୁଲ ଆବ୍ରିଭେସନର ବ୍ୟବହାର କରୁଥିଲେ । ଠିକ୍ ସେଭଳି, ଯେପରିକି ଆଜି ଆମେ LOLZ, OMG, କିମ୍ବା NBD କୁହନ୍ତି । OK ର ବ୍ୟବହାର ସବୁଠାରୁ ପ୍ରଥମେ "Oll Korrect" ର ଆବ୍ରିଭେସନ୍ ଭାବରେ କରାଯାଇଥିଲା । ଏହା ଗ୍ରାମାରରେ ଏକ ବ୍ୟଙ୍ଗାତ୍ମକ ଲେଖାଥିଲା ଓ ବୋଷ୍ଟନ୍ ମର୍ଣ୍ଣିଂ ପୋଷ୍ଟରେ ୧୮୩୯ରେ ଛପିଥିଲା । ଏହି ଟ୍ରେଣ୍ଡ ପରେ OW ଭଳି ଶବ୍ଦର ମଧ ବ୍ୟବହାରରେ ଆସିଥିଲା । ଏହାର ଅର୍ଥ ମଧ "oll wright" ବା all right ଥିଲା । ଏହାପରେ OK ର ବ୍ୟବହାର ଇଲେକସନ୍ ସ୍ଲୋଗାନ ଭାବରେ କରାଯାଇଥିଲା । ୧୮୪୦ରେ ଆମେରିକା ରାଷ୍ଟ୍ରପତି Martin Van Buren କେ ରି-ଇଲେକସ୍ କ୍ୟାମ୍ପେନରେ ଯେତେବେଳେ ଓକେ ଶବ୍ଦର ବ୍ୟବହାର କରାଯାଇଥିଲା । ଏହାପରେ ଏହି ଶବ୍ଦ ସାରା ବିଶ୍ୱରେ ପ୍ରଚଳିତ ହୋଇଥିଲା ।

# ପିଲାଙ୍କ ଖାଦ୍ୟପେୟ ସମ୍ପର୍କିତ ନୂତନ ତଥ୍ୟ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ଖାଦ୍ୟପେୟ ନେଇ ଖୁବ୍ ଯତ୍ନଶୀଳ । ପିଲାମାନେ ଖାଦ୍ୟପେୟରେ ହେଳା କରିବା ମାତ୍ରେ ପିତାମାତାଙ୍କ ଚିନ୍ତାନ୍ତ ବଢ଼ିଯାଏ । ଗବେଷକଦଳ ପିଲାଙ୍କ ଉପରେ ଗବେଷଣା କରିବା ସମୟରେ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ପ୍ରାୟ



୪୫%ରୁ ଅଧିକ ପିଲା ଖାଇବା ପିଇବାରେ ଖୁବ୍ ହଇରାଣ କରନ୍ତି । ଏହି ପ୍ରବୃତ୍ତି ସେମାନେ ନିଜ ପିତାମାତା, ଜେଜେବାପା, ଜେଜେ ମାଙ୍କ ଠାରୁ ଗ୍ରହଣ କରିଥାନ୍ତି । ଦେଢ଼ ବର୍ଷରୁ ୧୦ବର୍ଷ ବୟସର ପିଲାମାନେ ନିୟମିତ ଭାବରେ ଅନ୍ୟମାନଙ୍କ ଖାଦ୍ୟପେୟକୁ ନିରୀକ୍ଷଣ କରନ୍ତି । ବଡ଼ମାନେ ଯେଉଁଖାଦ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି, ପରବର୍ତ୍ତୀ ସମୟରେ ପିଲାମାନେ ମଧ ସେହି ପଥରେ ପରିଚାଳିତ ହୋଇଥାନ୍ତି । ଗବେଷକଙ୍କ ମତରେ ନିଜ ପିଲାଙ୍କ ସୁସ୍ଥତା ପାଇଁ ପ୍ରଥମେ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ ।

# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।



# ଶାଶକାସନ

## ମହିଳାମାନଙ୍କୁ ଫିଟ ଓ ସୁସ୍ଥ ରଖିବାରେ ଶାଶକାସନ ନିଭାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ।

*ପ୍ରଣାଳି:* ପ୍ରଥମେ ବଜ୍ରାସନରେ ବସି ଧୀରେଧୀରେ ପ୍ରଶ୍ୱାସ ନେଇ ହାତ ଦୁଇଟି ଉପରକୁ ଉଠାନ୍ତୁ ।
ଏହାପରେ ନିଶ୍ୱାସ ଛାଡ଼ି ହାତକୁ ଲମ୍ବା ଆଗକୁ ନଇଁ ନଇଁ ଭୂମିରେ ଲଗାନ୍ତୁ ।
ପାପୁଲି, କହୁଣୀ ଓ ମୁଣ୍ଡ ଭୂମିରେ ଲଗାଇ ରଖନ୍ତୁ ।
କିଛି ସମୟ ଏହି ଅବସ୍ଥାରେ ରହି ପୁଣି ବଜ୍ରାସନକୁ ଫେରି ଆସନ୍ତୁ ।

*ଲାଭ:*
ପେଟ, ଅଣ୍ଟା ଓ ନିତମ୍ବର ଚର୍ବି ଦୂର କରେ ।
ଗର୍ଭାଶୟକୁ ଶକ୍ତିଶାଳୀ କରେ ।
ମାନସିକ ରୋଗ, ଚିନ୍ତା, କ୍ରୋଧ ଆଦିକୁ ଦୂର କରେ ।
ଯକୃତ, ଅଗ୍ନାଶୟ ଓ କିଡନୀକୁ ସୁଦୃଢ଼ କରେ ।
ହୃତପିଣ୍ଡର ସ୍ୱାଭାବିକ ମାଲିସ କରେ ।



## ରାଜ୍ୟରେ ନିଆଁର ସ୍ଥିତି ଆୟତ୍ତାଧିନ: ଫରେଷ୍ଟ ଫାୟାର ଟାସ୍କ ଫୋର୍ସ

ଭୁବନେଶ୍ୱର,୨୨।୩ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ନିଆଁର ସ୍ଥିତି ଆୟତାଧିନ ରହିଛି ଏବଂ ଜଙ୍ଗଲ ନିଆଁକୁ ପ୍ରଶମିତ ଓ ହ୍ରାସ କରିବା ପାଇଁ ସମସ୍ତ ପ୍ରକାର ସରକାରୀ ପ୍ରଚେଷ୍ଟା ଜାରି ରହିଛି । ସମସ୍ତ କ୍ଷେତ୍ର କର୍ମଚାରୀ, ଓଡ଼ିଆରଏଏଫ କର୍ମଚାରୀ, ପିଆରଆଇ କର୍ମଚାରୀ, ବନ ସୁରକ୍ଷା ସମିତି ଏବଂ ସ୍ଥାନୀୟ ଲୋକମାନେ ଦିନ ରାତି ସେମାନଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି । ସ୍ୱଳ୍ପ ମାତ୍ରାରେ ବର୍ଷା ହୋଇଥିଲେ ମଧ୍ୟ, ଅତ୍ୟଧିକ ଗ୍ରୀଷ୍ମ ପାଗ ସହିତ ଅଧିକ ତାପମାତ୍ରା ଓ କମ୍ ଆଦ୍ରତା ଅନୁଭୂତ ହେଉଥିବାରୁ ନିଆଁର ବିସ୍ତାରକୁ ଏହି ପାଗ ଅନୁକୂଳ କରିଛି । ଆବଶ୍ୟକ ସ୍ଥଳେ ହଟ୍‌ସ୍ପଟ୍ ଏବଂ ଅଗ୍ନି ସମ୍ବେଦନଶୀଳ ଅଂଚଳରେ ଲାଗିଥିବା କ୍ରମାଗତ ନିଆଁକୁ ପ୍ରଶମନ କରିବା ପାଇଁ ପ୍ରାଥମିକତା ଭିତିରେ ପୂର୍ଣ୍ଣ ସତର୍କତାର ସହିତ କ୍ଷେତ୍ର କର୍ମଚାରୀମାନେ ସଜାଗ ଅଛନ୍ତି । ବିଶ୍ୱ ବନ ଦିବସ ଅବସରରେ ଆଜି ଜନସାଧାରଣଙ୍କ ମଧ୍ୟରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବହୁଳ ଭାବରେ ସଚେତନତା ସୃଷ୍ଟି କରାଯାଇଛି । ରାଜ୍ୟର ବନାଗ୍ନି ସ୍ଥିତିକୁ ଆୟତାଧିନ ରଖିବା ପାଇଁ ସରକାରଙ୍କ ବନବିଭାଗ ଦ୍ୱାରା ନିରନ୍ତର ପର୍ଯ୍ୟାଲୋଚନା ଓ ସମୀକ୍ଷା ଜାରି ରହିଛି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ମୋ କଲେଜ୍ ଅଭିଯାନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୨।୩ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ସମ୍ପର୍କୀୟ ଏକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧକ୍ଷ ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୋ କଲେଜ ଅଭିଯାନ ପୋର୍ଟାଲ୍‌କୁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ୍ ମୋଡ୍‌ରେ ଲୋକସେବା ସଦନରୁ ଶୁଭାରମ୍ଭ କରିଥିଲେ । ସାମାଜିକ ଗଣମାଧ୍ୟମରେ ଜୀବନ୍ତ ପ୍ରସାରିତ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁସଂଖ୍ୟକ ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନେ ଓ କଲେଜର ସମସ୍ତ ଅଧାପକ , ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ପୁରାତନ ଛାତ୍ରୀ ସଂସଦ ତରଫରୁ ମହାବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ର ଛାତ୍ରୀ ଶ୍ରୀମତୀ ସୁଲୋଚନା ନାୟକଙ୍କ ସଭାପତିତ୍ୱ ଓ ଅଧାପିକା ସବିତା ଦାସଙ୍କ ସଂଚାଳନାରେ ପୁରାତନ ଛାତ୍ରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଦୁଇଟି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସିର ସଂଯୋଜକ ଡ଼ଃ ମଥୁରି ଚରଣ ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧାପକ , ଅଧାପିକା ଓ କର୍ମଚାରୀମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ଯୁବକର ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ମାଲକାନଗିରି,୨୨।୩ (ନି.ପ୍ର): ଜଣେ ଯୁବକର ସନ୍ଦେହ ଜନକ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ଏମ୍ ?ଭି ୭୯ ଥାନା ଅନ୍ତର୍ଗତ ଏମ୍ ?ପିଭି ୪୮ ଗ୍ରାମରେ ଉତ୍ତେଜନା ଦେଖାଯାଇଛି । ସେହି ଗ୍ରାମର ରଂଜିତ ରାୟଙ୍କ ପୁଅ ବିପୁଳ ରାୟଙ୍କୁ କେହି ହତ୍ୟା କରି ମହୁଲ ଗଛରେ ଝୁଲାଇ ଦେଇଥିବାର ଅଭିଯୋଗ କରିଛନ୍ତି ପରିବାର ଲୋକ । ଗତକାଲି ରାତି ୯ଟା ସମୟରେ ବିପୁଳ ଶନିଶ୍ଚର ମେଳା ଦେଖିବାକୁ ଯାଇ ଆଉ ଘରକୁ ଫେରି ନଥିଲେ । ରାତିସାରା ଖୋଜା ଖୋଜି କରାଯାଇଥିଲେ ମଧ ବିପୁଳର କୌଣସି ସନ୍ଧାନ ମିଳି ନଥିଲା । ତେବେ ଆଜି ସକାଳୁ କିଛି ପିଲା ଘର ପଛପଟେ ମହୁଲ ଗୋଟାଇବାକୁ ଯାଇଥିଲା ବେଳେ ବିପୁଳଙ୍କର ମୃତଦେହ ମହୁଲ ଗଛରେ ଅଧା ଝୁଲୁ ଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସଂଦେହ କରି ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପଂହଁଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଲୋକାର୍ପଣ

ଭୁବନ,୨୨।୩ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ 'ମୋ କଲେଜ ଅଭିଯାନ' ଆଜି ଲୋକାର୍ପଣ କରାଯାଇଛି । ଓଡିଶାର ସମୁଦାୟ ୭୫୫ ସରକାରୀ ମହାବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ 'ମୋ କଲେଜ ଅଭିଯାନ' ପୋର୍ଟାଲ ଉଦଘାଟନ କରିଥିଲେ । ଏଥିରେ ବାଜିରାଉତ କଲେଜ ସାମିଲ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡଃ କିଶୋର ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱ ଓ ଅଧାପକ ପ୍ରଭାତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ପୁରାତନ ଛାତ୍ର ସଂସଦ ସଭାପତି ଆଇନଜୀବୀ ବିନୟ କଅଁର, ସଂପାଦକ ମାତୃପ୍ରସାଦ ମିଶ୍ର,ଶିକ୍ଷାବିତ ରବୀନ୍ଦ୍ର କୁମାର ହୋତା,ବିଧାୟକ ଙ୍କ ପ୍ରତିନିଧି ନନ୍ଦ କିଶୋର ସାହୁ,ସାଂସଦଙ୍କ ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ, ସଦସ୍ୟ ବିପିନ ବିହାରୀ ସେଠୀ ଓ ସମସ୍ତ ଅଧାପକ, ଅଧାପିକା ଉପସ୍ଥିତ ଥିଲେ । କଲେଜର ଉନ୍ନତି ପାଇଁ ଭବିଷ୍ୟତରେ ଏହି ଅଭିଯାନରେ ପୁରାତନ ଛାତ୍ର, ଛାତ୍ରୀ ଓ ଅଭିଭାବକ ମାନଙ୍କୁ ସାମିଲ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଜିଲ୍ଲା କୃଷି ମହୋତ୍ସବ ଉଦ୍‌ଯାପିତ

କନ୍ଧମାଳ,୨୨।୩ (ନି.ପ୍ର): କନ୍ଧମାଳ ଜିଲ୍ଲା କୃଷି ମହୋତ୍ସବ ଇତିମଧ୍ୟରେ ଉଦଯାପିତ ହୋଇଯାଇଛି । ଗତ ୧୫ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ତରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଜିଲ୍ଲା ସ୍ତରରେ କନ୍ଧମାଳ ଜିଲ୍ଲାପାଳ ଡା. ବୃନ୍ଦା ଡି. ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହୋତ୍ସବରେ ଓଡ଼ିଶା ମିଲେଟ୍ ମିଶନ୍ ଦ୍ୱାରା ପ୍ରତିଦିନ ଖାଦ୍ୟ ମେଳା ଆୟୋଜନ କରାଯାଇ ଚାଷୀ ଓ ବିଭାଗୀୟ କର୍ମଚାରୀମାନଙ୍କୁ କ୍ଷୁଦ୍ର ଦାନା ଶସ୍ୟର ଭିନ୍ନ ଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା । ମହୋତ୍ସବର ବିଭିନ୍ନ ଦିବସରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକ, କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଗ୍ରାମ ପଚାଂୟତ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅଧିକାରୀ ଓ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇଥିଲେ । ଏହି ୫ ଦିନରେ ପ୍ରାୟ ୮୦୫ ଜଣ ଚାଷୀ ଓ ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ ବୋଲି ଜଣାପଡ଼ିଛି । ପ୍ରତିଦିନ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଥର୍ମାଲ ସ୍କ୍ରିନିଂ ସହ ସାନିଟାଇଜର୍ ଓ ମାସ୍କ ପ୍ରଦାନ କରାଯିବା ସହ ତାଲିମ ଉପକରଣ ପ୍ରଦାନ କରାଯାଉଥିଲା । ସେଠାରେ ସେମାନଙ୍କ ପାଇଁ ଖାଇବା ବ୍ୟବସ୍ଥା ମଧ କରାଯାଇଥିଲା । କୃଷି ଓଡ଼ିଶା-୨୦୨୧ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ କନ୍ଧମାଳ ଜିଲ୍ଲାରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ/ସେମିନାର ପାଇଁ ୯୨ ଜଣ ଚାଷୀ ରାଜ୍ୟ ଭିତରେ ଭ୍ରମଣ ମାଧ୍ୟମରେ ଯୋଗଦେଇଥିଲେ । ଏହା ବ୍ୟତିତ କନ୍ଧମାଳ ଜିଲ୍ଲାର ୪ ଜଣ କୃତୀ ଚାଷୀ ଓ ଜଣେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ କୃଷି ଓଡ଼ିଶା - ୨୦୨୧ର ବିଭିନ୍ନ ଦିବସରେ ମାନପତ୍ର, ଉପଢୌକନ, ୧୦ହଜାର ଟଙ୍କାର ଚେକ୍, ସ୍ମାରକ ପତ୍ର ମନ୍ତ୍ରୀ, ମହାମହିମ ରାଜ୍ୟପାଳ ଓ ବିଭାଗୀୟ ଶାସନ ସଚିବଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କୃତୀ ଚାଷୀ ଶ୍ରୀମତୀ ଇନ୍ଦିରା ସାହୁ (କୃଷି ବିଭାଗ), ପ୍ରକାଶ ଚନ୍ଦ୍ର ଦେହୁରୀ (ଉଦ୍ୟାନ କୃଷି ବିଭାଗ), ପରାଶର ପାଟମାଝୀ (ପ୍ରାଣୀ ସମ୍ପଦ ବିଭାଗ), ସୁମନ୍ତ ବେହେରା (ମତ୍ସ୍ୟ ବିଭାଗ) ଓ ଦାମ ସିଂ ମହିଳା ମଣ୍ଡଳ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । ମହୋତ୍ସବର ଉଦଯାପନୀ ଦିବସରେ ଜିଲ୍ଲା ତରଫରୁ ୧୮ ଜଣ ବିଭାଗୀୟ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକ ଏବଂ ପ୍ରତି ବ୍ଲକରୁ ଜଣେ ଲେଖାଏଁ ସମୁଦାୟ ୧୨ ଜଣ କୃଷକ ସାଥିଙ୍କୁ ଦକ୍ଷତା ପରିମାପକରେ ଭଲ ସେବା ପ୍ରଦାନ ପାଇଁ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରତିଟି ଦିବସର କୃଷି ଓ ଆନୁସଙ୍ଗିକ କୃଷି ବିଭାଗର ଭିନ୍ନ ଭିନ୍ନ ସେମିନାର/ ପାଠଶାଳାକୁ ସିଧା ପ୍ରସାରଣ ମାଧ୍ୟମରେ ଜିଲ୍ଲାର ଶତାଧିକ ଚାଷୀ ଓ ବିଭାଗୀୟ କର୍ମଚାରୀ ଦେଖିପାରିଥିଲେ ଏବଂ ଶିକ୍ଷାଲାଭ କରିପାରିଥିଲେ । ଅନ୍ତିମ ଦିବସରେ ରାଜ୍ୟ ସ୍ତରରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଜିଲ୍ଲା ସ୍ତରରେ ରାଜ୍ୟ ସ୍ତରରୁ ଯୋଗଦେଇଥିବା ପର୍ଯ୍ୟବେକ୍ଷକ ଶ୍ରୀ ଶରତ କୁମାର ଦାଶଙ୍କ ଉପସ୍ଥିତିରେ ଉଦଯାପନୀ ଉତ୍ସବ ପାଳିତ ହୋଇଥିଲା । ମହୋତ୍ସବର କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ଓ ସମସ୍ତ ବିଭାଗୀୟ କର୍ମଚାରୀଙ୍କ ସହଯୋଗରେ ସଫଳତାର ସହ ସମାପ୍ତ ହୋଇଥିଲା ।

## ରଙ୍ଗରାଗ ସାହିତ୍ୟ ପରିଷଦର ଦଶମ ବାର୍ଷିକ ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ




ବାସୁଦେବପୁର,୨୨।୩ (ନି.ପ୍ର): ବାସୁଦେବପୁରର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ଦଶମ ବାର୍ଷିକ ସମ୍ବର୍ଦ୍ଧନା ସଭା, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର କୁମରବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅମୃତ ଦର୍ଶନର ସଂପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, କବି ଡକ୍ଟର ଧରଣୀଧର ପାତ୍ର, ପ୍ରମୁଖ ବିଶେଷ ଅତିଥି ଓ ବକ୍ତାଭାବେ ଯୋଗଦେଇ ରଙ୍ଗରାଗ ସାହିତ୍ୟ ପରିଷଦର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରଶଂସା ଓ ପୁରସ୍କାରଠାରୁ ସାହିତ୍ୟ ଉର୍ଦ୍ଧ୍ୱରେ । ସାହିତ୍ୟ ପ୍ରତ୍ୟେକ ମଣିଷଙ୍କ ହୃଦୟରେ ଲୁଚି ରହିଛି । ତାହା କେବଳ ପରିପ୍ରକାଶ ହେବା ଉଚିତ୍ । ସାହିତ୍ୟ, ସଂଗୀତ, ସଂସ୍କୃତି ଓ ପରମ୍ପରା ହିଁ ଆମ ଭାରତ ବର୍ଷର ପରିଚୟ । ତେଣୁ ପ୍ରତ୍ୟେକ ପରିସ୍ଥିତିରେ ସାହିତ୍ୟ ହିଁ ଇତିହାସ ସୃଷ୍ଟି କରିଛି ବୋଲି ରଙ୍ଗରାଗର ବାର୍ଷିକ ଉତ୍ସବରେ ଅତିଥି ମାନେ ମତପ୍ରକାଶ କରିଥିଲେ । ଏହି ଉତ୍ସବରେ ରଙ୍ଗରାଗ ସାରସ୍ୱତ ସମ୍ମାନ କବି ସୁଚିତ୍ରା ପାଣିଗ୍ରାହୀ, ରଙ୍ଗରାଗ କବିତା ସମ୍ମାନ, କବି କିଶୋର ପାଣିଗ୍ରାହୀ, ରଙ୍ଗରାଗ ଗଳ୍ପ ସମ୍ମାନ ଗାଳ୍ପିକା ଡକ୍ଟର କବିତା ବାରିକ, ରଙ୍ଗରାଗ ପ୍ରବନ୍ଧ ସମ୍ମାନ ପ୍ରାବନ୍ଧିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି, ରଙ୍ଗରାଗ ନାଟ୍ୟକଳା ସମ୍ମାନ ନାଟ୍ୟକାର ଡକ୍ଟର ଦିଲ୍ଲୀପ ରଥ, ରଙ୍ଗରାଗ ଶିଶୁ ସାହିତ୍ୟ ସମ୍ମାନ ବରିଷ୍ଠ ଶିଶୁ ସାହିତ୍ୟିକ ଚକ୍ରଧର ବେହେରା, ଆଦର୍ଶ ଶିକ୍ଷକ ଦିବାକର ମହାନ୍ତି ସ୍ମୃତି ସମ୍ମାନ କବି ଗୀତାରାଣୀ ଆଇଚ, ରଙ୍ଗରାଗ ସମାଜସେବୀ ସମ୍ମାନ କଳ୍ପନା ଜେନା, ରଙ୍ଗରାଗ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ କବି ଓ ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ସମ୍ବର୍ଦ୍ଧିତ ପ୍ରତିଭା ସମ୍ବର୍ଦ୍ଧନାର ଉତ୍ତର ସଂକ୍ଷିପ୍ତରେ ରଖିଥିଲେ । ରଙ୍ଗରାଗର ସଂପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ବାଇଚଢ଼େଇର ସଂପାଦକ କବି ବିକାଶ ଶତପଥୀ ବେଦପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସଂପାଦକଙ୍କର ପ୍ରକାଶିତ ପୁସ୍ତକ ବାସୁଦେବପୁର ପ୍ରସଙ୍ଗ-୭ ଓ କବି ପ୍ରଦୀପ୍ତ ମହାନ୍ତିଙ୍କ ପୁସ୍ତକ 'ରକ୍ତତୀର୍ଥ ଇରମ ଓ ସ୍ୱାଧୀନତା ସଂଗ୍ରାମୀର ସ୍ୱର' ଉନ୍ମୋଚିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା । ଗବେଷକ ଅଜୟ ପଣ୍ଡା, କବି ଡକ୍ଟର ମମତା ସାହୁ, କବି ରବି କୁମାର ମହାନ୍ତି, କବି ସଦାନନ୍ଦ ପାଣିଗ୍ରାହୀ, କବି ଅଭିମନ୍ୟୁ ସାହୁ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରାଜନଗରରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୨୨।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ରେ ଓଡିଶା ମୋ ପରିବାର ଓ ବିଜୁ ଜନତାଦଳ ସହଯୋଗରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏଥିରେ ୧୦୭ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୋ ପରିବାର ଓ ଜୀବନବିନ୍ଦୁ କାର୍ଯ୍ୟକ୍ରମ ର ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା,ଯୁବନେତା ରଞ୍ଜନ ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାସ ଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ବିଜେଡି କର୍ମୀ ଓ ଯୁବନେତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସିଓ୍ୱା ତରଫରୁ ସାଇକେଲରେ ସଚେତନତା

ଜୟପୁର,୨୨।୩ (ନି.ପ୍ର): ସ୍ୱେଚ୍ଛାସେବି ଅନୁଷ୍ଠାନ ସିଓ୍ୱା ତରଫରୁ ସାଇକେଲର ସଚେତନତା ଶୋଭାଯାତ୍ରା ବାହାରିଥିଲା । ସ୍ଥାନୀୟ ରଜାନହର ଠାରୁ ପାତ୍ରପୁଟ ଯାଏ ସାଇକେଲ ରେ ଯାଏ ଫିଟ ଇଣ୍ଡିଆ ଫିଟ ଜୟପୁର ନେଇ ସଚେତନ କରିଥିଲେ । ମାସ୍କ ପିନ୍ଧିବା ଓ ସାନିଟାଇଜ କରିବା, ସମଦୁରତା ରକ୍ଷା କରିପାରିଲେ କୋରାନା ମହାମାରିରୁ ରକ୍ଷା ପାଇପାରିବା ବୋଲି ସଚେତନ କରିବା ସହ ସାଇକେଲ ଚଳାଇବା ଦ୍ୱାରା ପରିବେଶ ପ୍ରଦୂଷଣ ମୁକ୍ତ ରହିବା ସହ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ବୋଲି ଲୋକଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଜୟ ମିଶ୍ର, ସୁନିଲ ମହାନ୍ତି, ପ୍ରତାପ ପଟ୍ଟନାୟକ, ସଞ୍ଜୟ ଆଗ୍ରୱାଲ, କେ ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ୧ ୧ କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି,୨୨।୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଅବକାରୀ ନିରୀକ୍ଷକ ଅରୁଣ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳା ଅବକାରୀ ଥାନା ଆଇଆଇସି ଏଚ ଜଗାରାଓଙ୍କ ନେତୃତ୍ୱରେ ଆଜି ବାଲିମେଳା ସହର ଚିତାପାରି ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ଉକ୍ତ ରାସ୍ତା ଦେଇ ଏକ ସି ଜି ୧ ୬ ଏ ୭ ୧ ୩ ୬ ନମ୍ବର ମୋଟର ସାଇକେଲରେ ଦୁଇଜଣ ବ୍ୟକ୍ତି ଯାଉଥିବା ଦେଖିଥିଲେ । ସନ୍ଦେହ ହେବାରୁ ଉକ୍ତ ମୋଟର ସାଇକେଲକୁ ଅଟକାଇ ଯାଂଚ କରିବାରୁ ସେମାନଙ୍କ ପାଖରେ ଥିବା ଏକ ବ୍ୟାଗରୁ ୧୧ କିଲୋ ୫୦୦ଗ୍ରାମ ଗଂଜେଇଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାରେ ସଂପୃକ୍ତ ଥିବା ଦୁଇ ବାଇକ ଆରୋହି ହେଲେ ଛତିଶଗଡ଼ ଜିଲ୍ଲା କରିଆ ଗ୍ରାମର ବୋଲି ଜଣାପଡିଛି ।ଘଟଣା ସ୍ଥଳରୁ ଗଂଜେଇ, ମୋଟରଇକେଲ ଓ ଏକ ମୋବାଇଲ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଛି ।ଏ ନେଇ ବାଲିମେଳା ଅବକାରୀ ବିଭାଗ ପକ୍ଷରୁଏନ ଡ଼ି ପି ଏସ କେସ ପିଆର ନମ୍ବର ୧ ୧ ୧ /୨୧ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲିମେଳା ଅବକାରୀ ବିଭାଗର ଅଧିକାରୀ ଏଚ ଜଗାରାଓ ସୂଚନା ଦେଇଛନ୍ତି ।

## କୁଣ୍ଡପାଟଣା(ନୁଆସାହି)ରେ ଭୟାବହ ଅଗ୍ନିକାଣ୍ଡ:୧୩ ପରିବାରର ୨୭ ବଖରା ଘର ପୋଡି ପାଉଁଶ

ଧର୍ମଶାଳା,୨୨।୩ (ନି.ପ୍ର): ଦିନ ଦ୍ୱିପ୍ରହରରେ ଭୟାବହ ଅଗ୍ନୀକାଣ୍ଡ । ଏହି ଅଗ୍ନୀକାଣ୍ଡରେ ୧୩ ଗୋଟି ପରିବାର ୨୭ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ନିମିଷକ ମଧ୍ୟରେ ଚାହୁଁଚାହୁଁ ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତି । ବେସାହାରା ହୋଇପଡିଛନ୍ତି ଅଗ୍ନିବିପନ୍ନ ପରିବାର । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଂଚାୟତ କୁଣ୍ଡପାଟଣା(ନୁଆସାହି)ଗ୍ରାମରେ । ଆଜି ଦିନ ସାଢେ ଗୋଟାଏ ସମୟରେ ଏହି ଗ୍ରାମର ନରହରି ପୃଷ୍ଟିଙ୍କ ଏକ କଂସାର ବାସନ ତିଆରି ଶାଳ ଘରୁ ନିଆଁ ଲାଗିଥିଲା । ପରେ ରୋଷେଇ ଘରେ ନିଆଁ ଲାଗି ଯାଇଥିଲା । ଫଳରେ ରେଷେଇ ଘରେ ଥିବା ଏକ ଏଲପିଜି ଗ୍ୟାସ ଟାଙ୍କି ଫାଟି ଯାଇଥିଲା । ଯାହାକୁ ନେଇ ନିଆଁ ଗାଁକୁ ବ୍ୟାପି ଯାଇଥିଲା । ଗ୍ୟାସ ଟାଙ୍କି ଫାଟି ଯିବା ଫଳରେ ସ୍ଥାନୀୟ ଲୋକେ ଭୟଭିତ ହୋଇପଡିଥିଲେ । ତେବେ ନିଆଁ ଚାରି ଆଡେ ବ୍ୟାପି ଯାଇଥିଲା । ଯାହାକି ନିଆଁକୁ ଆୟତ କରିବା ସାଧରଣ ଲୋକଙ୍କ ପକ୍ଷେ ସମ୍ଭବପର ହୋଇନଥିଲା । ସ୍ଥାନୀୟ ଲୋକେ ଅଗ୍ନୀଶମ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଚଣ୍ଡିଖୋଲ ଓ ରସୁଲପୁର ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ୨ଟି ଡମକଳ ଗାଡି ଦ୍ୱାରା ନିଆଁକୁ ଲିଭାଇଥିଲେ । ୩ ଘଂଟା କାଳ ପରିଶ୍ରମ ପରେ ନିଆଁ ଆୟତ ହୋଇଥିଲା । ଏହି ଅଗ୍ନୀକାଣ୍ଡରେ ନରହରି ପୃଷ୍ଟିଙ୍କ ୨ବଖରା, ନେତ୍ରନନ୍ଦ ପୃଷ୍ଟିଙ୍କର ୫ ବଖରା, ପୁନମା ପୃଷ୍ଟିଙ୍କର ୨, ଅଜୟ ପୃଷ୍ଟି ୧ , ବିଜୟ ପୃଷ୍ଟିଙ୍କର ୧,. ଗୋକୁଳ ପୃଷ୍ଟି ୨, ବିଷ୍ଣୁ ଚରଣ ପୃଷ୍ଟିଙ୍କର୧, ମୀନାକ୍ଷୀ ପୃଷ୍ଟିଙ୍କର୨, ନଟବର ପୃଷ୍ଟିଙ୍କର ୨, ଟିକ ପୃଷ୍ଟିଙ୍କର୨, ଧରଣୀଧର ପୃଷ୍ଟିଙ୍କର ୨, ଦିନବନ୍ଧୁ ପୃଷ୍ଟିଙ୍କର୨, ବିନୋଦ ପୃଷ୍ଟିଙ୍କର୨, ସୁବଳ ପୃଷ୍ଟି ୧ଓ ଧବଳ ପୃଷ୍ଟିଙ୍କର ୨ ବଖରା ଘର ସମେତ ମୋଟ ୨୭ଗୋଟି ଘର ଜଳି ପାଉଁଶ ହୋଇଯାଇଥିଲା । ଘରେ ଥିବା ବାସନ କୁସନ ତିଆରି ପାଇଁ କଂଚା ମାଲ ସହ ନୂଆ ବାସନ କୁସନ, ଅତ୍ୟାବଶ୍ୟକୀୟ ସାମଗ୍ରୀ,ଗୋଟିଏ ସାଇକେଲ,୨ଟି ମଟର ସାଇକେଲ ଜଳି ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନୀକାଣ୍ଡରେ ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସମ୍ପତି କ୍ଷୟକ୍ଷତି ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏହି ଘଟଣାରେ କୌଣସି ଲୋକଙ୍କର କ୍ଷତି ହୋଇ ନଥିବା ଜଣାପଡିଛି । ଘଟଣାସ୍ଥଳରେ ଧର୍ମଶାଳା ।ନା ଅଧିକାରୀ ସରୋଜ ସାହୁ, ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଅଧିକାରୀ ପଭାକର ସାହୁ, ରସାମନ୍ତରାପୁର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା,ଜାରକା ବିଦ୍ୟୁତ ବିଭାଗ ଅଧିକାରୀ, ରସୁଲପୁର ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପଂହଚିଥିଲେ । ଏହି ଗ୍ରାମକୁ ସମ୍ପୂର୍ଣ୍ଣଭାବେ ବିଦ୍ୟୁତ ସରବରାହ ବନ୍ଦ କରିଦିଆଯାଇଛି । ପରେ ଘଟଣା ସ୍ୱଭାବିକ ହେଲେ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ଜଣାପଡିଛି । ଅନ୍ୟ ପକ୍ଷେ ଖବର ପାଇ ଘଟଣାସ୍ଥଳରେ ବରୀ ବିଧାୟିକାଙ୍କ ପ୍ରତିନିଧି ତଥା ବରିଷ୍ଠ ନେତା ଦେବେନ୍ଦ ଦାସ ପଂହଚି ଅଗ୍ନି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ଏବଂ ସ୍ଥାନୀୟ ବିଦ୍ୟାଳୟରେ ମଧ୍ୟହ୍ନ ଭୋଜନ ପାଇଁ ରେଷେଇ ବ୍ୟବସ୍ଥ କରିବା ସହ ପାନୀୟ ଜଳ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି ।

## ପଶୁପକ୍ଷୀ ଶିବିର ଉଦ୍‌ଯାପିତ

ଜୟପୁର,୨୨।୩ (ନି.ପ୍ର): ଜୟପୁର ଆଇସିଆଇସି ଫାଉଣ୍ଡେସନ ଏବଂ ଦି ଗୋଟ ଟ୍ରଷ୍ଟର ମିଳିତ ସହ ଯୋଗରେ ୫ ଦିନିଆ ପଶୁସକ୍ଷୀ ଶିବିର ଉଦଯାପିତ ହୋଇଛି । ଏମଏସସ୍ୱାମୀନାଥନ ସଭା ଗୃହରେ ଉଦଯାପିତ ହୋଇଯାଛି । ଏହି ଶିବିରରେ ଜିଲା ପ୍ରାଣି ଧନ ଅଧିକାରି ଗିରିଜା ତ୍ରିପାଠି, ଆଇଟିଡିଏ ଜୟପୁର ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ପଟ୍ଟନାୟକ, ବୈପାରିଗୁଡାର ବିପିଏମ, ଓଏଲଏମ ଧବଳ ଶଙ୍କର ସୁନା, ଆଇସିଆଁସି ଫାଉଣ୍ଡେସନର ଡେଭେଲପମେ ଅଫିସର ନିଲୁ କୁମାର ବେହେରା ଉପସ୍ଥିତ ଥିଲେ । ଉକ୍ତ ଶିବିରରେ ଉନ୍ନତ ଛେଳି ଚାଷର ଉପକାରିତା ବିଷୟ ରେ ସଚେତନ କରାଯାଇଥିଲା । ଛେଳିର କୃମି କରଣ, ପ୍ରଜନନ, ଛେଳି ମଡକ, ଖାଦ୍ୟାଭ୍ୟାସ, ଖାସି କରଣ, ଆଦି ବିଷୟରେ ତାମିଲ ଦିଆଯାଇଥିଲା ।

## ଏନଆଇଟି ସମାବର୍ତ୍ତନ ଉତ୍ସବରେ ରାଉରକେଲା ସାମ୍ବାଦିକଙ୍କୁ ମିଳିଲାନି ପ୍ରବେଶ ଅନୁମତି : କାରଣ ଖୋଜା ଚାଲିଛି

ରାଉରକେଲା,୨୨।୩ (ନି.ପ୍ର): ରାଉରକେଲାଠାରେ ଥିବା ଏନଆଇଟିର ଆଜି ଅନୁଷ୍ଠିତ ହୋଇଥିବା ସମାବର୍ତ୍ତନ ଉତ୍ସବରେ ସହରର ବହୁ ସାମ୍ବାଦିକ ଓ ଫଟୋ ସାମ୍ବାଦିକଙ୍କୁ ପ୍ରବେଶର ଅନୁମତି ମିଳିନଥିଲା । ଫଳରେ ସେମାନେ ନ୍ୟୁଜ୍ କଭରେଜ୍ କରି ନପାରି ସେଠାରୁ ଫେରିଥିବା ଅଭିଯୋଗ ହୋଇଛି । ରାଉରକେଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ ସଭାପତି ବିରଂଚି ନାରାୟଣ ପଟ୍ଟନାୟକ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏଥିଲାଗି ସେ ସିଧାସଳଖ ରାଉରକେଲା ଲୋକ ସମ୍ପର୍କ ବିଭାଗକୁ ଦାୟୀ କରିଛନ୍ତି । ଯାହା କେବେ ପୂର୍ବରୁ ରାଉରକେଲା ସହରରେ ଦେଖାଯାଇନଥିଲା । ଜଣେ ଏସଡିପିଆରଓଙ୍କୁ ରାଉରକେଲା ଭଳି ଗୁରୁତ୍ୱପୂର୍ଣ୍ଣ ଯାଗାରେ ରଖାଯାଇଥିବାରୁ ତାହାର ଝଲକ୍ ଦେଖିବାକୁ ମିଳିଲା ବୋଲି ସାମ୍ବାଦିକ ମାନେ ଅଭିଯୋଗ କରିଛନ୍ତି । ଅନୁସନ୍ଧାନରୁ ଜଣାପଡିଛି ରାଉରକେଲା ଏନଆଇଟିର ଏହି ଉତ୍ସବ ଲାଗି ଏନଆଇଟିର ପିଆରଓ ରାଉରକେଲା ଡିଆଇପିଆରଓ ଅଫିସକୁ ସାମ୍ବାଦିକ ମାନଙ୍କ ତାଲିକା ମାଗିଥିଲେ । ତେବେ ରାଉରକେଲା ଡିଆଇପିଆରଓ ଅଫିସରେ ୧୫୦ ରୁ ଅଧିକ ସାମ୍ବାଦିକ ତାଲିକାଭୁକ୍ତ ଥିବା ବେଳେ ଏଠାରୁ କେଉଁ ସାମ୍ବାଦିକ ମାନଙ୍କ ନାମ ଏନଆଇଟିକୁ ଦିଆଗଲା ତାହା ଲୋକ ସମ୍ପର୍କ ବିଭାଗ ହିଁ ଜାଣିଥିବ, କିନ୍ତୁ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବଦିନ ଏନଆଇଟି ପକ୍ଷରୁ ସେଠାକାର ପିଆରଓ ଡାକିଥିବା ସାମ୍ବାଦିକ ସମ୍ମିଳନୀକୁ ରାଉରକେଲା ସାମ୍ବାଦିକ ମାନେ ଜିବାରୁ ଫାଟକ ପାଖରୁ ସେମାନଙ୍କୁ ବିଦା କରିଦିଆଯାଇଥିଲା । ଭିତରକୁ ୟୁଟ୍ୟୁବ ଓ କୌଣସି ମିଡିଆରେ ନଥିବା ଲୋକେ ଯାଇଥିବା ବେଳେ ସହରରେ କାମ କରୁଥିବା ବହୁ ବଡ ବଡ ଖବରକାଗଜ ଯେଉଁମାନେ ରାଜ୍ୟ ସରକାରଙ୍କ ତାଲିକାରେ ଅଛନ୍ତି ସେମାନଙ୍କୁ ମଧ ଭିତରକୁ ଛଡା ଗଲା ନାହିଁ । ସେମାନେ ବେଜ୍ଜିତ ହୋଇ ସେଠାରୁ ଫେରିଥିଲେ ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଏନେଇ ଏନଆଇଟି ପିଆରଓ ଅର୍ଚ୍ଚନା କୁମାରଙ୍କୁ ପଚରା ଜିବାରୁ ସେ କହିଛନ୍ତି ଯେ, ଡିଆଇପିଆରଓ ରାଉରକେଲା ଯେଉଁ ତାଲିକା ଦେଲେ ସେହି ତାଲିକା ଅନୁଶାରେ ଡକାଯାଇଛି, ଏସଡିପିଆରଓ ରାଉରକେଲାଙ୍କୁ ପଚରା ଜିବାରୁ ସେ କହିଲେ ସେ ଏହି ତାଲିକା ଡାଇରେକ୍ଟର ଆଇଆଣ୍ଡ ପିଆରଙ୍କୁ ଦେଇଥିଲେ, ହେଲେ ସେ ଯେଉଁ ତାଲିକା ଏନଆଇଟିକୁ ଦେଇଥିବେ ସେହି ଅନୁସାରେ ଡକା ଯାଇଥିବ । ତେବେ ବାସ୍ତବ ସତ୍ୟ କ'ଣ ? ଲୋକସମ୍ପର୍କ ବିଭାଗ ଡାଇରେକ୍ଟରଙ୍କୁ ଯୋଗାଯୋଗ କରାଯାଇନଥିଲେ ବି ସାମ୍ବାଦିକ ମାନେ ଏନେଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତାଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଖବର ମିଳିଛି । ଅନ୍ୟ ଏକ ଖବରରୁ ଜଣାପଡିଛି ଯେ, ରାଉରକେଲାରେ ଏହି କାର୍ଯ୍ୟକ୍ରମ ହେଉଥିବା ବେଳେ ବିଭିନ୍ନ ବଡ କାଗଜର ରାଉରକେଲାର ସିନିଅର ସାମ୍ବାଦିକ ମାନଙ୍କ ନାମ ସେହି ତାଲିକାରୁ ବାଦ୍ ଦିଆଯାଇ ସୁନ୍ଦରଗଡ ଓ କୁଆଁରମୁଣ୍ଡା ସାମ୍ବାଦିକଙ୍କ ନାମ ଏହି ତାଲିକାରେ ଦିଆଯାଇ ଏନଆଇଟିକୁ ବାସ୍ତବ ତଥ୍ୟରୁ ବିଚ୍ୟୁତ କରାଯାଇ ବିଭ୍ରାଟ କରିବା ଲାଗି ଚେଷ୍ଟା କରାଯାଇଛି ।

## କ୍ୟାରିଅର ଲଂଚ ଇଂଟରନ୍ୟାସନାଲ ପକ୍ଷରୁ କୋଭିଡ୍ ଉପରେ ରଚନା ପ୍ରତିଯୋଗିତା

ଗଂଜାମ,୨୨।୩ (ନି.ପ୍ର): ବ୍ରହ୍ମପୁର କ୍ୟାରିୟର ଲଂଚ ଇଂଟରନ୍ୟୋସନାଲ ପକ୍ଷରୁ ପିତଳ ଛକସ୍ଥିତ ଚନ୍ଦ୍ରିକା ଆବାସିକ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ କୋଭିଡ଼-୧୯ ସମ୍ପର୍କରେ ଏକ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ କୋଭିଡ଼୍ ସଚେତନତା ସମ୍ପର୍କରେ ଏକ ପଦଯାତ୍ରା ଅନୁଷ୍ଠିତ ହେବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ଡକ୍ଟର ହୃଷୀକେଶ ମହାନ୍ତି, ଡ. ନକୁଳ ସାହୁ, ଗୌରୀ ଶଙ୍କର ପଟ୍ଟନାୟକ, ଦେବେନ୍ଦ୍ର ନାଥ ପଟ୍ଟନାୟକ, ଅଲେଖ କୁମାର ସାହୁ, ତ୍ରିନାଥ ମୁନୀ ଯୋଗ ଦେଇ କରୋନାର ଭୟାବହତା, ତାର ମୁକାବିଲା ଓ ପ୍ରତିରକ୍ଷା ସମ୍ପର୍କରେ ଉଦବୋଧନ ଦେଇଥିଲେ । ଏଥିରେ ପ୍ରଧାନାଚାର୍ଯ୍ୟ ବିଚିତ୍ରା ନନ୍ଦ ମୁନୀ ଅଧ୍ୟକ୍ଷତା କରିଥିବା ବେଳେ ରଚନା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଏ ସ୍ନେହା ରେଡ୍ଡି, ଅଜୟ କୁମାର ସ୍ୱାଇଁ ଓ ସୁନିତ ସ୍ୱାଇଁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାନ୍ତ୍ୱନା ପ୍ରମାଣ ପତ୍ର ବଂଟନ କରିଥିଲେ ।

## ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ ଶିବିର

ବସ୍ତା,୨୨/୦୩ (ନି.ପ୍ର): ବସ୍ତା ବ୍ଲକ ସଦାନନ୍ଦପୁର ପଂଚାୟତ ଅଫିସ ଗୃହ ରେ ଆଜି ସଦାନନ୍ଦପୁଞ୍ଜର ଗ୍ରାମ ପଂଚାୟତ ସରପଞ୍ଚ ଙ୍କ ସଭାପତିତ୍ୱ ରେ ବସ୍ତା ଅଞ୍ଚଳ ରେ ଥିବା ମାଛ ଚାଷୀ ମାନଙ୍କର ଏକ ପ୍ରଶିକ୍ଷଣ ଶିବିର କରାଯାଇଥିଲା ଏଥିରେ ଆବିସ ମାଛ ଦାନା ର ଏରିଆ ମ୍ୟାନେଜର ହରପ୍ରସାଦ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଂଶୀଧର ପଣ୍ଡା ପ୍ରଶାନ୍ତ ପାତ୍ର, ଗୌରାଙ୍ଗ ସେଠୀ, କିଶୋର କୁମାର ମହାନ୍ତି, ଚିନ୍ମୟ କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟ ଚାଷୀ ମାନେ କିପରି ଅଧିକରୁ ଅଧିକ ଲାଭ କରି ପାରିବେ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ, ମାଛ ଚାଷ ଏକ ଲାଭ ଦାୟକ ଚାଷ, ଏହି ପ୍ରଶିକ୍ଷଣ କୁ ଆୟୋଜନ କରିଥିଲେ, ବସ୍ତା ର କିଶୋର କୁମାର ମହାନ୍ତି ଶ୍ରୀହରି ଗୋଖାଦ୍ୟ ଓ ମତ୍ସ୍ୟ ଖାଦ୍ୟ ଭଣ୍ଡାର ।

## ୩୫ ଲିଟର ଦେଶୀମଦ ଜବତ : ୩ଗିରଫ

ବସ୍ତା,୨୨/୦୩ (ନି.ପ୍ର): ଆଜି ବସ୍ତା ଅବକାରୀ ବିଭାଗ ତରଫରୁ ବସ୍ତା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢଉ କରି ୩୫ଲିଟର ଦେଶି ମଦ ସହ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ବସ୍ତା ଥାନା ଅନ୍ତର୍ଗତ ଥେଙ୍ଗଡିଆ ଗ୍ରାମର ୰ଯୋଗେନ୍ଦ୍ର ବିନ୍ଧାଣୀଙ୍କ ପୁଅ ରବୀନ୍ଦ୍ର ବିନ୍ଧାଣୀ(୪୯), ଭେଲୋରା ବାଙ୍କିସାହି ଗ୍ରାମର ଭଟୁଲ ହାଁସଦାଙ୍କ ସ୍ତ୍ରୀ ପାର ହାଁସଦା(୪୦) ଓ ସନ୍ତୋଷପୁର ଗ୍ରାମର ୰ଭୁଲା ଟୁଡୁଙ୍କ ପୁଅ ଭଜ୍ୟ ଟୁଡୁ(୩୨)। ଏହି ଚଢାଉରେ ବାଲେଶ୍ୱର ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ ସେଖ ଅଲ୍ଲି, ବସ୍ତା ଅବକାରୀ ବିଭାଗର ଓ ଆଇ ସି ଲକ୍ଷ୍ୟସାଧବ ପ୍ରଧାନ, ସେଖ୍ କଲିମ, ହୃଷିକେଶ ବାରିକ ଓ କୁମୁଦିନୀ ସୋ ସଦଲ ବଳେ ଚଢଉ କରି ଉକ୍ତ ତିନି ଅଭିଯୁକ୍ତଙ୍କଠାରୁ ମୋଟ ୩୫ ଲିଟର ମଦ ଜବତ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କେସ ନଂ ୧୦୦/୨୧, ୧୦୧/୨୧ ଓ ୧୦୩/୨୧ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ।

## ଦଶହଜାର ଟଙ୍କା ସହିତ ୨ଟି ମୋବାଇଲ ଚୋରୀ

ବାରିପଦା,୨୨/୦୩ (ନି.ପ୍ର): ଗତକାଲି ଶୁକ୍ରବାର ବିଳମ୍ବିତ ରାତିରେ ବାରିପଦା ୱାର୍ଡ ନଂ୧୩ ଶ୍ରୀ ପଦଗଞ୍ଜ ଅଂଚଳର ଆରତୀ ଭୂୟାଁଙ୍କ ଘରର ଉପର ମହଲାରେ ଭଡାସୂତ୍ରେ ରହି ଆସୁଥିବା ଅର୍ଜୁନ ପାତ୍ରଙ୍କ ଘରୁ କବାଟ ଖୋଲି ଦଶହଜାର ଟଙ୍କା ସହିତ ୨ଟି ମୋବାଇଲ ଓ ଅଫିସ ବ୍ୟାଗ ଚୋରି ହୋଇଯାଇଥିବାର ଅର୍ଜୁନ ପାତ୍ର ବାରିପଦା ଟାଉନଥାନାରେ ଅଭିଯୋଗ କରିଛଥିବାର ଜଣାଯାଇଛି । ଅଭିଯୋଗ ପାଇ ବାରିପଦା ଟାଉନଥାନା ପୋଲିସ ଘଟଣା ସ୍ଥଳକୁ ଯାଇ ସବିଶେଷ ଅନୁସନ୍ଧାନ କରିବା ସହିତ ସ୍ଥାନୀୟ ଅଂଚଳରେ ରହିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଘଟଣାର ତଦନ୍ତ ଚଲାଇଥିବାର ଜଣାଯାଇଛି ।

# ହୋଟେଲରୁ ବନ୍ଧୁକ ଜବଦ, ୪ଗିରଫ



ବାରିପଦା,୨୨/୦୩ (ନି.ପ୍ର): ବାରିପଦା ଭଳି ଏକ ଶାନ୍ତିପ୍ରିୟ ସହରରେ ଦିନକୁ ଦିନ ଅପରାଧ ବଢି ଚାଲିଥିବାର ଦେଖାଯାଉଛି । ବିଶେଷ କରି ଚୋରୀ ଡକାୟତି, ଲୁଟ, ହତ୍ୟା, ସାଇବର ଠକେଇ ଭଳି ଅପରାଧ ମାନ ବଢିଚାଲିଛି । ପୋଲିସ ଅନେକ କ୍ଷେତ୍ରରେ ଅପରାଧିକୁ ଧରିବାରେ ସକ୍ଷମ ହେଉଥିବା ବେଳେ, ଅନେକ ସ୍ଥଳରେ ପୋଲିସ ଅପରାଧିକୁ ଧରିପାରୁନାହିଁ । ତେବେ ସାଇବର ଠକେଇର ମାତ୍ରା ବେଶ ଦୃତଗତିରେ ବଢୁଥିବା ଦେଖାଯାଉଛି । ସାଇବର ଅପରାଧିଙ୍କୁ ଧରିବା ପାଇଁ ଜିଲ୍ଲାରେ ଆବଶ୍ୟକୀୟ ଭିତ୍ତିଭୂମୀ ନଥିବାରୁ ପୋଲିସ ନାକେଦମ ହେଉଥିବାର ଦେଖାଯାଉଛି । ତେବେ ଧିରେଧିରେ ବାରିପଦା ସହର ଅପରାଧିଙ୍କ ଆଡ୍ଡା ସ୍ଥଳି ପାଲଟୁଥିବା ବେଳେ ଅନେକ ସମୟରେ ବାହାରୁ ଅପରାଧି ମାନେ ଆସି ଅପରାଧ ଘଟାଇ ଏହା ସୀମାନ୍ତ ବର୍ତ୍ତୀ ଜିଲ୍ଲା ହୋଇଥିବାରୁ ବେଶ ସହଜରେ ଫେରାର ହୋଇଯାଉଥିବାର ଦେଖାଯାଉଛି । ସୂଚନା ମୁତାବକ ଆଜି ବାରିପଦା ବସଷ୍ଟାଣ୍ଡ ନିକଟସ୍ଥ ହୋଟେଲ ମହାପାତ୍ରରୁ ଗୋଟିଏ ବନ୍ଧୁକ ଜବଦ ହୋଇଥିବାର ଜଣାଯାଇଛି । ଆଜି ଭୋର ସକାଳୁ ୪ଜଣ ବ୍ୟକ୍ତି ଆସି ହୋଟେଲ ମହାପାତ୍ରରେ ରହିବା ପାଇଁ ରୁମ ବୁକ କରିଥିଲେ । ତେବେ ୨ଜଣ ହୋଟେଲରେ ରହିଥିବା ବେଳେ ୨ଜଣ ଫେରି ଯାଇଥିଲେ । ବାରିପଦା ଟାଉନଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହୋଟେଲରେ ଅତର୍କିତ ଭାବରେ ଚଢାଉକରି ହୋଟେଲ ରୁମ ଭିତରୁ ଗୋଟିଏ ବନ୍ଧୁକ ଜବଦ କରିବା ସହିତ ହୋଟେଲ ରୁମରୁ ୨ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିବା ବେଳେ, ତାଙ୍କର ଟିମରେ ଥିବା ଡ୍ରାଇଭରଙ୍କୁ ମିଶାଇ ଅନ୍ୟ ୩ଜଣଙ୍କୁ ମଧ୍ୟ ପୋଲିସ ଥାନାକୁ ନେଇ ପଚରାଉଚରା ଚଳାଇଥିଲା । ତେବେ ପଚରା ଉଚରା ପରେ ବାରିପଦା ଟାଉନତାନା କେସ ନଂ ୨୫୨ ତା ୨୧.୩.୨୧ ମୂଳେ ବାରତୀୟ ପିଙ୍ଗଳ କୋଡଧାରା ୩୯୯/୪୦୨/ ଏବଂ ୨୫ ଆର୍ମସ ଏକ୍ଟରେ ପୋଲିସ ମାମଲା ରୁଜୁ କରି ମାମଲରେ ବ୍ରହ୍ମପୁର ଅଂଚଳର କେ. ଯୁଧିଷ୍ଠିର ରେଡ୍ଡି (୪୨), ଭୁବନେଶ୍ୱର ନୟାପଲ୍ଲୀ ଅଂଚଳର ତାପସ ରଞ୍ଜନ ସାହୁ (୪୨), ଆଠଗଡ ଅଂଚଳର ଶୁଭଦୀପ ଶତପଥି (୩୪), ନିଆଳି ଅଂଚଳର ପ୍ରଦୀପ କୁମାର ସାହୁ (୩୬) ଙ୍କୁ ପୋଲିସ ଗିରଫ କରିଥିବାର ଜଣାଯାଇଛି । ଅଟକ ରଖିଥିବା ସ୍ଥାନୀୟ କୁଳିଅଣା ଅଂଚଳର ଡ୍ରାଇଭରଙ୍କୁ ପଚରା ଉଚରା ପରେ ଛାଡି ଦେଇଥିବାର ବାରିପଦା ଟାଉନଥାନା ସୂତ୍ରରୁ ଜଣାଯାଇଛି । ତେବେ ଏହି ବ୍ୟକ୍ତିମାନେ ବନ୍ଧୁକ ଧରି ହୋଟେଲରେ କାହିଁକି ରହିଥିଲେ ? କୌଣଷି ସୁଚନ୍ତିତ ଅପରାଧ ଘଟାଇବା ପାଇଁ ସେମାନେ ବାରିପଦାକୁ ଆସିଥିଲେକି ? ଏମାନଙ୍କ ସହିତ କୌଣଷି ଅପରାଧିକ ଗୋଷ୍ଠୀର ହାତ ରହିଛିକି ? ଏହିଭଳି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ବେଳେ, ପୋଲିସ ପକ୍ଷରୁ ଚାଲିଥିବା ତଦନ୍ତ ପରେ ହିଁ ବାସ୍ତବ ଘଟଣା ପଦାକୁ ଆସିବ ବୋଲି କୁହାଯାଉଛି ।

## ପୁରାତନ ଛାତ୍ର ଅମୂଲ୍ୟ ରତ୍ନ : ପୁରାତନ ଛାତ୍ର ମିଳନ ପର୍ବ

ଭଦ୍ରକ,୨୨/୦୩ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବେନ୍ତାଳ ଗ୍ରାମ ପଂଚାୟତ ଜୟ ଜଗନ୍ନାଥ ଗୋଦାବରୀ ସହଯୋଗ ହାଇସ୍କୁଲର ୨୦୦୧ ମସିହା ପୁରାତନ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ବନ୍ଧୁମିଳନ ପର୍ବ ବହୁ ଆଡ଼ମ୍ବର ସହ ପାଳନ କରିଥିଲେ। ଏହି ଉତ୍ସବରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କୁମାର ପାଣି ଅଧକ୍ଷତା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଶିକ୍ଷକ ମାନଙ୍କର ଶ୍ରଦ୍ଧା, ଭକ୍ତି, ଓ ସହଯୋଗର ଏକ ଭିତ୍ତିଭୂମି ରୂପେ ଆଦିର ବନ୍ଧୁମିଳନ ପର୍ବ ଏକ ଅନୁକରଣୀୟ ଓ ଗ୍ରହଣୀୟ କାର୍ଯ୍ୟକ୍ରମ ରୂପେ ସମାଜରେ କଲ୍ୟାଣ ଦିଗରେ ସହାୟକ ହେବ ବୋଲି ଶିକ୍ଷକ ଗଣ ମତବ୍ୟକ୍ତ କରିଥିଲେ।ଏହି ପୁରାତନ ଛାତ୍ରଛାତ୍ରୀ ଗଣ ସେମାନଙ୍କ ବାଲ୍ୟବନ୍ଧୁଙ୍କୁ ଏକତ୍ରିତ କରି ଯେଉଁ ଆତ୍ମିକ ସହଯୋଗ ଓ ଭାବର ନିଦର୍ଶନ ସୃଷ୍ଟି କରିଛନ୍ତି ତାହା ମଧ ଆଜିର ଯୁବପିଢୀକୁ ପ୍ରେରଣା ଦାୟୀ ବୋଲି ଛାତ୍ରଛାତ୍ରୀଗଣ ନିଜନିଜ ବକ୍ତବ୍ୟରେ କହିଥିଲେ। ସଭା ଆରମ୍ଭରେ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ସଭାରେ କେଶପୁର ୟୁଜିଏମଇ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସୁଶାନ୍ତ କୁମାର ପାଣୀଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଗାୟତ୍ରୀ ପାଣୀ, କୁମୁଦୁନୀ ତ୍ରିପାଠୀ,ହେମନ୍ତ କୁମାର ସାହୁ, ପଦ୍ମଲୋଚନ ମାଝୀ,ପ ର୍ଶୁରାମ ସାହୁ,ଉଦୟ ଧଳ, ଶରତ କୁମାର ସାହୁ, ସତ୍ୟଭୁଷଣ ତ୍ରିପାଠୀ, ଗୟାଧର ନାୟକ ପ୍ରମୁକ ଉପସ୍ଥିତ ରହିଥିଲେ। ପୁରାତନ ଛାତ୍ର କାମଦେବ ସାହୁ, ଅଭିନାଶ ସାହୁ, ବିଷ୍ଣୁପଦ ପାଣୀ,ପ୍ରକାଶ ଜେନା, ପଙ୍କଜ ଖୁଣ୍ଟିଆ, ହରେକୃଷ୍ଣ ସାହୁ, ପ୍ରତିମା ପ୍ରିୟଦର୍ଶିନୀ ପାଣୀ, ଭାରତୀ ସାହୁ, ହେମଲତା ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ତ୍ୱରାନିତ କରି ଏହାକୁ ସଫଳ କରାଇଥିଲେ।

## ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ "ବିଶ୍ୱ ବନ ଦିବସ" ପାଳିତ



ବାରିପଦା,୨୨/୦୩ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର "ୟୁଥ ଏଣ୍ଡ ଇକୋ କ୍ଲବ" ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ "ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା" ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଶ୍ରୁତି ସିଂ ପ୍ରଥମ ଅର୍ଚ୍ଚନା ସିଂ ଦ୍ୱିତୀୟ ବିଷ୍ଣୁପ୍ରିୟା ସିଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର "ୟୁଥ ଏଣ୍ଡ ଇକୋ କ୍ଲବ" ଭାରପ୍ରପ୍ତ ଶିକ୍ଷକ ଅମିତାଭ ମିଶ୍ର, ଶିକ୍ଷକ ଅମୂଲ୍ୟ କୁମ୍ଭକାର, ବୁଦ୍ଧିରାମ ସିଂ, ଶିକ୍ଷୟିତ୍ରୀ ସୋନାଲି ପରିଡା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରି ଜଙ୍ଗଲର ଉପକାରିତା ଓ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କୋଭିଡ ନିୟମ ପାଳନ ପୂର୍ବକ ନିରାଡମ୍ବର ଭାବରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଇଜିଏଚ୍ ରେ ଭଙ୍ଗାରୁଜା ଘଟଣାର ଅନୁସନ୍ଧାନ ହେଉ

ଭୁବନେଶ୍ୱର,୨୨/୦୩ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଓଡିଶା ଗସ୍ତରେ ଆସିଥିବା ସମୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତକାଲି ଉଦଘାଟନ କରିଥିବା ଆଇଜିଏଚର ସୁପର ସ୍ପେଶାଲିଟି ହସ୍ପିଟାଲରେ ଉତେଜନା ଦେଖାଦେବା ଓ ଫଳକ ଭଙ୍ଗାରୁଜା କରାଯାଇଛି। ଓଡିଶା ପାଇଁ ଏହା ଲଜ୍ୟାର ବିଷୟ। ଏହା ଉପରେ ଅନୁସନ୍ଧାନ ହେବା ଉଚିତ୍। ଏଥିରେ ଯେଉଁମାନେ ସମ୍ପୃକ୍ତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବାୟକତା ରହିଛି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ଘଟଣାକୁ ନାପସନ୍ଦ କରିବା ସହ ଯେକୌଣସି ପ୍ରଚାର ହିଂସାକୁ ନିନ୍ଦା କରାଯିବା ଦରକାର। ଜାତୀୟ କୃଷକ ନେତା ରାକେଶ ଟିକାୟତ ଓଡିଶା ଗସ୍ତରେ ଆସିଥିବା ବେଳେ ଏଠାରେ ବିରୋଧ କରାଯାଇଥିଲା। ଗଣତନ୍ତ୍ରରେ ପ୍ରତିବାଦ କରାଯାଇପାରିବ ମାତ୍ର ସେଥିରେ ଶାଳୀନତା ରହିବା ଉଚିତ୍ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଶ୍ୱର ସମସ୍ତ ଜଗନ୍ନାଥପ୍ରେମୀ ....

ରାମନାଥ କୋବିନ୍ଦ ସାମିଲ ହୋଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନକୁ ନିଜ ଦରମାରୁ ୧ ଲକ୍ଷ ଟଙ୍କାର ସମର୍ପଣ ନିଧି ଅର୍ପଣ କରି ବିଶ୍ୱର ଜଗନ୍ନାଥ ପ୍ରେମୀ ଏବଂ ସାଢେ ଚାରି କୋଟି ଓଡିଆଙ୍କୁ ଏଥିପାଇଁ ଆଗେଇ ଆସିବାକୁ ପ୍ରେରିତ କରିଛନ୍ତି । ଅନାଦି ଅନନ୍ତ କାଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର ପବିତ୍ରତା ସହିତ ସଂଶ୍ଳିଷ୍ଟ ସବୁକିଛି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରିଚୟର ମୂଳବିନ୍ଦୁ। ଏହି ନିଧି ସମର୍ପଣ ଅଭିଯାନକୁ ଓଡ଼ିଶା, ଭାରତ ତଥା ବିଶ୍ୱରେ ଜନଆନ୍ଦୋଳନ ଭାବେ ପରିଣତ କରିବା ପାଇଁ ଶ୍ରୀ ପ୍ରଧାନ ପୁନର୍ବାର ସମସ୍ତଙ୍କୁ ନିବେଦନ କରିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିରକୁ ଏହି ଲକ୍ଷେ ଟଙ୍କା ଦାନ ଶ୍ରୀମନ୍ଦିର ବିକାଶ ପାଇଁ ଆଗେଇ ଆସିବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ବିକାଶ ପ୍ରକ୍ରିୟାରେ ଗରିବ ଠାରୁ ଗରିବ ପର୍ଯ୍ୟନ୍ତ ସାରା ବିଶ୍ୱର ଧନୀ ଶ୍ରେଣୀର ଶ୍ରୀଜଗନ୍ନାଥ ପ୍ରେମୀଙ୍କ ପର୍ଯ୍ୟନ୍ତ ସମସ୍ତେ ସହଯୋଗୀ ହେବା ପାଇଁ ଏକ ନିଧି ସମର୍ପଣ ଅଭିଯାନ ଆରମ୍ଭ କରିବା ପାଇଁ ଗଜପତି ମହାରାଜ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ । ଏହି ନିଧି ସମର୍ପଣ ପାଇଁ ପ୍ରଥମେ ଗଜପତି ମହାରାଜା ଏହି ନିଧି ସମର୍ପଣ ଅଭିଯାନର ନେତୃତ୍ୱ ନେବା ପାଇଁ ସେ ଅନୁରୋଧ କରିଥିଲେ । ପତ୍ର ଲେଖିବା ପୂର୍ବରୁ ଶ୍ରୀ ପ୍ରଧାନ ପ୍ରତ୍ୟକ୍ଷ ଭାବରେ ଶ୍ରୀମନ୍ଦିର ଆସି ନିଜ ବ୍ୟକ୍ତିଗତ ଦରମାରୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହା ପରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଓ ପୁରୀ ଜିଲ୍ଲାର ଦୁଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଲଳିତେନ୍ଦୁ ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନକୁ ନିଜ ଦରମାରୁ ସମର୍ପଣ ନିଧି ପ୍ରଦାନ କରିଥିଲେ। ଇତିମଧ୍ୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ୩୫ଟି ଦେଶର ଓଡ଼ିଆମାନେ ଅନଲାଇନ ପ୍ଲାଟଫର୍ମରେ ଯୋଡ଼ି ହୋଇ ମହାପ୍ରଭୁଙ୍କ ପାଇଁ ଅର୍ଥ ଦାନ ପାଇଁ ସହମତି ପ୍ରକାଶ କରିବା ସହ ଏହି କାମକୁ ଆଗେଇ ନେବାକୁ ଯୋଜନା ପ୍ରସ୍ତୁତ ହୋଇଛି।

### ବର୍ଷେ ପରେ ପୁଣି ଫେରିଛି ....

ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢ଼ିଯାଇଛି । ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟକୁ ସିଲ କରି ଦିଆଯାଇଛି । ଇନଷ୍ଟିଚ୍ୟୁଟ୍ ଭିତରକୁ ଓ ବାହାରକୁ ଯିବା ଆସିବା ବନ୍ଦ କରାଯାଇଛି । କେବଳ ବିଏମସିର ଅଧିକୃତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରବେଶ ଅନୁମତି ମିଳିବ । ଜରୁରୀ ସାମଗ୍ରୀ ବିଏମସି ଦ୍ୱାରା ଯୋଗାଇ ଦିଆଯିବ । ଏହାରି ଭିତରେ ଇନଷ୍ଟିଚ୍ୟୁଟ୍ର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ କରୋନା ପରୀକ୍ଷା କରାଯିବ । ପଜିଟିଭ ଚିହ୍ନଟ ହେଲେ ଗୋଟିଏ ହଷ୍ଟେଲର ନିର୍ଦ୍ଦିଷ୍ଟ ରୁମରେ ସଙ୍ଗରୋଧରେ ରଖାଯିବ । ଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ବ୍ୟବସ୍ଥା କରିବେ ଇନଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷ । ଔଷଧ କିମ୍ବା ଅନ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ଇନଷ୍ଟିଚ୍ୟୁଟ୍ କର୍ତ୍ତୃପକ୍ଷ, ବିଏମସି ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ନିର୍ଦ୍ଦେଶ ରହିଛି ।

### ଗୋଟିଏ ଦିନରେ ୧୪୬....

ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୩୫ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ୍ ବଲାଙ୍ଗୀର ଜିଲ୍ଲାରେ ୯ ଜଣ ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ, ଢେଙ୍କାନାଳ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି ଗଂଜାମ ଜିଲ୍ଲାରୁ ୫, ଜଗତସିଂହପୁର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୧ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୧ ସଂକ୍ରମିତ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୩୫ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୁରଭଂଜ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁର୍ ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୧୨ ଓ ପୁରୀରୁ ୨ ତଥା ରାୟଗଡା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ପୁଲ୍ରୁ ୮ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

## କୋଣାର୍କ ସୂର୍ଯ୍ୟ ମନ୍ଦିର, ବାଖ୍ୟାନ କେନ୍ଦ୍ର ପରିଦର୍ଶନ କଲେ ରାଷ୍ଟ୍ରପତି



ଭୁବନେଶ୍ୱର,୨୨/୦୩ (ନି.ପ୍ର): ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ, ଦେଶର ପ୍ରଥମ ମହିଳା ଶ୍ରୀମତି ସବିତା କୋବିନ୍ଦ ଏବଂ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ କୋଣାର୍କସ୍ଥିତ ଭବ୍ୟ ସୂର୍ଯ୍ୟ ମନ୍ଦିର ଏବଂ ଇଣ୍ଡିଆନ ଫାଉଣ୍ଡେସନ ଟ୍ରଷ୍ଟି ଦ୍ୱାରା ନିର୍ମିତ ବିଶ୍ୱସ୍ତରୀୟ ବାଖ୍ୟାନ କେନ୍ଦ୍ରକୁ ସୋମବାର ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତର ଗୌରବମୟ ଇତିହାସର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରଚାରପ୍ରସାର କରିବା ଦିଗରେ ଇଣ୍ଡିଆନ ଅଏଲ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ବାଖ୍ୟାନ କେନ୍ଦ୍ରକୁ ରାଷ୍ଟ୍ରପତି ବୁଲି ଦେଖିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୟୁନିସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଥିବା ସୂର୍ଯ୍ୟ ମନ୍ଦିର କଳିଙ୍ଗର ସମୃଦ୍ଧ ସଂସ୍କୃତି ତଥା ମନ୍ଦିର କୀର୍ତିରାଜିର ଅନନ୍ୟ ଉତ୍କୃଷ୍ଟ ଉଦାହରଣ। ଉତ୍କଳର ଗଙ୍ଗବଂଶୀୟ ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ୧୩ଶହ ଶତାବ୍ଦୀରେ ନିର୍ମିତ ଏହି ସୂର୍ଯ୍ୟ ମନ୍ଦିର ମାନବସଭ୍ୟତାର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଓଡ଼ିଆଙ୍କ ପରିପ୍ରକାଶର ପ୍ରମାଣ। ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କୁ ବ୍ୟସ୍ତବହୁଳ କାର୍ଯ୍ୟକ୍ରମରୁ ସମୟ ବାହାର କରି କୋଣାର୍କ ସ୍ଥିତ ବାଖ୍ୟାନ କେନ୍ଦ୍ରକୁ ବୁଲି ଦେଖିଥିବାରୁ ଧନ୍ୟବାଦ ଦେବା ସହ କହିଛନ୍ତି ଯେ ଭବ୍ୟ ସୂର୍ଯ୍ୟ ମନ୍ଦିରର ଅନନ୍ୟ କୀର୍ତିରାଜି, ଉତ୍କୃଷ୍ଟ କଳା ତଥା ବୈଜ୍ଞାନିକ ସ୍ୱତନ୍ତ୍ରତାକୁ ଧ୍ୟାନରେ ରଖି ଏହି ବାଖ୍ୟାନ କେନ୍ଦ୍ର ନିର୍ମାଣ କରାଯାଇଛି। ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିରର ସମୃଦ୍ଧ ଇତିହାସ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ପର୍ଯ୍ୟଟକ ତଥା ଭବିଷ୍ୟତ ପିଢିଙ୍କୁ ଅବଗତ କରାଇବା ଦିଗରେ ଏହା ନର୍ମାଣ ହୋଇଛି। ନୂଆ ଯୁଗର ସଂଗ୍ରହାଳୟ ଭାବରେ ବିକଶିତ କରାଯାଇଥିବା ଏହି ବାଖ୍ୟାନ କେନ୍ଦ୍ରରେ ବୌଦ୍ଧିକ ଓ ଭାବନାତ୍ମକ ଭାବରେ ପର୍ଯ୍ୟଟକ ତଥା ଯୁବପିଢ଼ିଙ୍କୁ କୋଣାର୍କ ମନ୍ଦିରର ପ୍ରାଚୀନ ଇସିହାସକୁ ମଧ ବର୍ଣ୍ଣନା କରାଯାଉଛି।

## ବାଲେଶ୍ୱରରେ 'ଗାନ୍ଧିଙ୍କ ଓଡ଼ିଶା'ନାଟକ ମଞ୍ଚସ୍ଥ ପାଇଁ 'ସ୍ରଷ୍ଟା'ର ପ୍ରସ୍ତୁତି ଶେଷ



ବାଲେଶ୍ୱର,୨୨/୦୩ (ନି.ପ୍ର): ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟର ୩୦ଟି ଜିଲାରେ ନିର୍ଦ୍ଦିଷ୍ଟ ଏକ ସମୟରେ 'ଗାନ୍ଧିଙ୍କ ଓଡ଼ିଶା' ଶୀର୍ଷକ ନାଟକ ପରିବେଷଣ ପାଇଁ ନିଷ୍ପତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ମଧ ଅନରୂପ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ବାଲେଶ୍ୱରରେ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା' ପକ୍ଷରୁ ୨୩ ତାରିଖ ଗାନ୍ଧିସ୍ମୃତି ଭବନରେ ଏହି ନାଟକ ପରିବେଶିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସ୍ରଷ୍ଟାର ସଭାପତି ତଥା ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ସମ୍ପାଦକ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ହେମେନ୍ଦ୍ର ମହାପାତ୍ର, ଉପସଭାପତି ଗୌରୀ ଶଙ୍କର ସାହାଣୀ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାର ୩୦ଟି ଜିଲ୍ଲାରେ ଏକ ସମୟରେ ଗାନ୍ଧିଙ୍କ ଓଡିଶା ନାଟକ ପରିବେଷଣ ସହ ଗ୍ରିନିଜ ବୁକ ଅଫ ରେକର୍ଡସରେ ସ୍ଥାନୀତ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ରଷ୍ଟାର ସମ୍ପାଦକ ଶ୍ରୀ ମହାପାତ୍ର କହିଥିଲେ । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଗବେଷକ, ସାହିତ୍ୟିକ ଓ ଐତିହାସିକମାନଙ୍କୁ ନେଇ ଏକ କମିଟି ଗଠନ ସହ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ସଂଗୃହୀତ ଐତିହାସିକ ତଥ୍ୟ ଆଧାରରେ ପୁରୀର ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଦ୍ୱାରା 'ଗାନ୍ଧିଙ୍କ ଓଡିଶା' ନାଟକ ପ୍ରସ୍ତୁତ ହୋଇଛି । ରଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ନାଟ୍ୟାନୁଷ୍ଠାନ ଓ ନାଟ୍ୟ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନ ସ୍ଥାନୀୟ କଳାକାରମାନେ ଏହି ନାଟକକୁ ନିର୍ଦ୍ଦିଷ୍ଟ ସମୟରେ ପରିବେଷଣ କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସ୍ରଷ୍ଟା ପକ୍ଷରୁ ୨୩ ତାରିଖ ସନ୍ଧ୍ୟା ୭ଟାରେ ବାଲେଶ୍ୱରର ଗାନ୍ଧି ସ୍ମୃତି ଭବନରେ ୩୦ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ନେଇ ଏହି ନାଟକ ମଞ୍ଚସ୍ଥ ହେବ ବୋଲି ସେ ସୂଚନା ଦେଇଛନ୍ତି । ବାଲେଶ୍ୱରବାସୀ ବହୁସଂଖ୍ୟାରେ ଆସି ଏହି ନାଟକ ଦେଖିବା ସହ କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି । ସ୍ରଷ୍ଟା ନାଟ୍ୟାନୁଷ୍ଠାନର କଳାକାର ବ୍ରହ୍ମନାଥ ରଥ ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନା କରିଥିଲେ ।

## 'ମୋ କଲେଜ ଅଭିଯାନ' ଏକ ଇମୋସନାଲ ଆଟାଚମେଣ୍ଟ : ଅଧକ୍ଷା ଜୟଶ୍ରୀ ଚୌଧୁରୀ



ଉଦଳା,୨୨/୦୩ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ମାର୍ଚ୍ଚ ୨୧ ତାରିଖ ରବିବାର ଦିନ 'ମୋ କଲେଜ ଅଭିଯାନ'ର ଶୁଭ ଉଦ୍‌ଘାଟନୀ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅଭିଯାନକୁ ଉଦ୍‌ଘାଟନ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏହି ଯୋଜନା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଆମେ ଆମେ ଭବିଷ୍ୟେତ ଗଢ଼ିଛୁ, ଆମର ଜୀବନର ଅନେକ ଅନୁଭବ ଅନୁଭୂତି ଯେଉଁଠାରେ ସ୍ମୃତି ଭାବରେ ରହିଛି, ସେହି ଅନୁଷ୍ଠାନକୁ ଫେରି ତାର ଉନ୍ନତି ପାଇଁ କିଛି କରିବାର ଆନନ୍ଦ ଅତି ନିଆରା । ତେଣୁ ଏହି ସୁଯୋଗକୁ ହାତଚଡ଼ା ନକରିବାକୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ମୋ କଲେଜ ଅଭିଯାନ ଏକ ଇମୋସନାଲ ଆଟାଚମେଣ୍ଟ(ଆବେଗପୂର୍ଣ୍ଣ ବନ୍ଧନ) ବୋଲି ବ୍ୟକ୍ତ କରିଥିଲେ । ଏହାଦ୍ୱାରା ପୁରାତନ ଛାତ୍ରୀ ମାନେ ଆସି ବର୍ତ୍ତମାନର ଛାତ୍ରୀ ମାନଙ୍କ ସହିତ ମିଳାମିଶା କରିବେ ଫଳରେ ମହାବିଦ୍ୟାଳୟରେ ଏକ ଭିନ୍ନ ସ୍ୱାଦର ପରିବେଶ ସୃଷ୍ଟି ହେବ ବୋଲି କହିଥିଲେ । ଏହାପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ସମଗ୍ର ଓଡ଼ିଶା ପାଇଁ କରୁଥିବା ଉଦ୍‌ଘାଟନ ଉତ୍ସବକୁ ସମସ୍ତେ ଦେଖିଥିଲେ । ଅଭିଯାନର ସଂଯୋଜିକା ସାଗରିକା ଷଣ୍ଢ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରବିକାନ୍ତ ମହାପାତ୍ର କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ୍ଣ ଦେଇଥିଲେ । । ଆଲୁମ୍ନି ଶୁଭମ, କଳ୍ପନା ପରିଚୋଳନାରେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ ।


**OFFICE OF THE EXECUTIVE ENGINEER**
BALASORE (ROADS & BUILDINGS ) DIVISION-II
**AT/PO- BHASKARGANJ , BALASORE**
CONTACT NO :- 06782-263149
**E Mail ID :- eepwdbls2@gmail.com**

**SHORT TENDER CALL NOTICE**

**BID INVITATION NO. EE (R and B) BLS-II- 62/ 2020-21**

**No. :- 2630    Date :- 15.03.2021**

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 1 No. |
| 3 | Nature of work : | : | Building works of Balasore (R&B) Division-II |
| 4 | Class of Contractor : | : | D, & C Class of Contractor |
| 5 | Approx. value of work | : | Rs.6.60 Lakhs |
| 6 | Tender Cost. : . | : | 4000.00 as per work |
| 7 | Availability of Bid Documents in the website : | : | From 10.00 Hours of dt. 25.03.2021 to 16:00 hours of dt. 05.04.2021. |
| 8 | Date of Opening of Bid : | : | Dt. 06.04.2021 at 11:00 Hours. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR : 34078/11/0028/2021

**Sd/- A.K Mohanty**
**Executive Engineer,**
**Balasore (R&B) Division-II**

## ମୋ କଲେଜ ଅଭିଯାନରେ ଜଳେଶ୍ୱର ଅନ୍ୟ ୩ କଲେଜ ସାମିଲ

ଜଳେଶ୍ୱର, ୨୨/୩ (ନିପ୍ର) : ଉଚ୍ଚ ଶିକ୍ଷାରେ ଗବେଷଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ସୃଜନଶୀଳତା, କ୍ରିଡା ଓ ବ୍ୟକ୍ତିତ୍ୱ ବିକାଶ ସହିତ କଲେଜର କୋଳେବରରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଂକ ଅଭିନବ ପରିକଳ୍ପନାରେ ଶିକ୍ଷାପ୍ରେମୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ହାତ ମିଳାଇବାକୁ ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଘୋଷ ପୌରହିତ୍ୱ କରିଥିଲେ । ମୁଖ୍ୟମନ୍ତ୍ରୀ, ମୋ କଲେଜ ଅଭିଯାନର ରାଜ୍ୟ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଶିକ୍ଷା ସଚିବ ଶାଶ୍ୱତ ମିଶ୍ରଙ୍କ ବକ୍ତବ୍ୟର ସିଧା ପ୍ରଶାରଣ ହୋଇଛି । ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ, ଅନନ୍ତ କୁମାର ଦତ୍ତ, ଅଧ୍ୟକ୍ଷ ସରୋଜ କୁମାର ସେନାପତି, ଆଇନ୍‌ଜିବୀ ନିତ୍ୟଗୋପାଳ ଦାସ, ରାଜେନ୍ଦ୍ର ଦାସ ମହାପାତ୍ର, ସେକ୍ ରିଆଜ୍ ଖାଁ ଏଥିରେ ଯୋଗ ଦେଇଥିଲେ । ପୂର୍ବତନ ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏଥିରେ ଯୋଗ ଦେଇଥିଲେ । ସେହିପରି ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦେଙ୍କ ପୌରହିତ୍ୱରେ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ସହିତ ଅଭିଯାନର ଶୁଭାରମ୍ଭ କରାଯାଇଛି । ସଂଯୋଜକ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ସ୍ୱାଗତ ଜଣାଇଥିବା ବେଳେ ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ଭଂଜ, କମଳାକାନ୍ତ ଚନ୍ଦ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ପ୍ରାକ୍ତନ ଛାତ୍ରୀ ଲିପ୍‌ସା ଦାସ ଏହି ଅଭିଯାନରେ ସମସ୍ତଙ୍କୁ ଯୋଡିହେବାପାଇଁ ଆହ୍ୱାନ କରିଥିବା ବେଳେ ପୁରାତନ ଛାତ୍ର, ଛାତ୍ରୀ ଯୋଗ ଦେଇଥିଲେ । ଖୁଲୁଡାସ୍ଥିତ ଶୀତଳା ଠାକୁରାଣୀ ମହାବିଦ୍ୟାଳୟ ପରିସରରେ ମଧ୍ୟ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷ ଅଂଜନ କୁମାର ପାଳ , ଜତିନ୍ କୁମାର ମିଶ୍ର, ହରେନ୍ ସିଂ, ଦୁର୍ଗେଶ ନାୟକ, ଜ୍ୟୋତିଶ କୁମାର ଦଳେଇ, ରାଧାରାଣୀ ମହାନ୍ତି ଓ ତପନ କୁମାର ସାମଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଧାନର ଅଭାବୀ ବିକ୍ରି ଓ ଟୋକନ୍ ଲାପ୍ସ ପ୍ରତିବାଦରେ ଓଡ଼ିଶା କୃଷକ ସଭା ପକ୍ଷରୁ ବିକ୍ଷୋଭ



ଭଦ୍ରକ,୨୨/୦୩ (ନି.ପ୍ର): ଭଦ୍ରକ ଜିଲାରେ ସରକାର ଓ ପ୍ରଶାସନ ଜିଲା ତମାମ୍ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍‌ରେ ଟୋକନ୍ ଦେଇ ଏସ୍‌ଏଚ୍‌ଜି ଗ୍ରୁପ୍ ଓ ସୋସାଇଟି ମାନଙ୍କୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦେବା ପରେ ସେଥିରେ ପ୍ରିୟାପ୍ରୀତି ତୋଷଣ ଓ ଟୋକନ୍ ଲାପ୍ସ ହେବା ପ୍ରତିବାଦରେ ଆଜି ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ଦିଆଯାଇଛି । ଓଡ଼ିଶା କୃଷକ ସଭା ଭଦ୍ରକ ଜିଲା କମିଟି ନେତା ଚନ୍ଦ୍ରଶେଖର ନାୟକ, ନିରଂଜନ ପାଣି, ରବି ନାୟକ, ଜଏନୁଲ ଆବେଦିନ, ଗୟାଧର ସାହୁ, ପ୍ରଭାସ ମହାପାତ୍ର, ପଂଚାନନ ପାଣିଗ୍ରାହୀ, ବିନୋଦ ସାହୁ, ରାଧା ଦାସ ଓ ବିକାଶ ନାଥ ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବନ୍ତଛକରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଏହାପରେ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୃଷକ ସଭା ସଂପାଦକ ପ୍ରଭାସ ମହାପାତ୍ର, ଦିବ୍ୟସିଂହ ନାୟକ, ନିରଂଜନ ପାଣି, ନାରାୟଣ ଦାସ, ଅଭିରାମ ବଳ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ ବିରୋଧୀ ନୀତିକୁ କଟୁ ସମାଲୋଚନା କରିଥିଲେ । ମୋଦି ସରକାରଙ୍କର ୩ଟି କଳା କୃଷି ଆଇନ୍ ବାତିଲ କରିବା, ସରକାରୀ କଳ କାରଖାନା ବିକ୍ରି ବନ୍ଦ କରିବା ଓ ଦରଦାମ ବୃଦ୍ଧି ବନ୍ଦ କରିବା ଦାବିରେ ଆସନ୍ତା ୨୬ ମାର୍ଚ୍ଚ ଭାରତ ବନ୍ଦକୁ ସଫଳ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଶେଷରେ ଅଭାବୀ ଧାନ ବିକ୍ରି ପ୍ରତିବାଦରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## ୯୩ ଲିଟର ଦେଶୀ ମଦ ଜବତ୍ : ୪ ଅଭିଯୁକ୍ତ ଗିରଫ



ଜଳେଶ୍ୱର, ୨୨/୩ (ନିପ୍ର) : ଆଜି ଜଳେଶ୍ୱର ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ୍‌ର ସହାୟତାରେ ୯୩ ଲିଟର ଦେଶୀ ମଦ ଜବତ୍ ହେବା ସହିତ ୪ଜଣଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଜଳେଶ୍ୱର ଥାନା ଅନ୍ତର୍ଗତ ସୁଗୋ ଗାଁର ଶଂକର ହାଁସଦା, ଅଗ୍ରୱାଲାଛକର ନିମାଇଁ ମୁଖୀ, ଲକ୍ଷ୍ମଣନାଥର କାଳିଚରଣ ବେହେରା, କର୍ମର୍ଦ୍ଦାର ଅଭିଜତ୍ ପାଳଙ୍କୁ ଏହି ମାମଲାରେ ଗିରଫ କରାଯାଇଛି । ଏଥିରେ ଅବକାରୀ ବିଭାଗର ଭାରପ୍ରାପ୍ତ ଏସ୍‌ଆଇ ଦେବେନ୍ଦ୍ର ବେହେରା, ଭୋଗରାଇର ଜୟନ୍ତି ଆଚାର୍ଯ୍ୟ, ରାମଚନ୍ଦ୍ର ମହାନ୍ତି, ଶଶିଭୂଷଣ ସ୍ୱାଇଁ, ବାବାଜି ପଣ୍ଡିତ, ରାଜୀବ ଭଂଜ, ପିଂକି ମାରାଣ୍ଡି ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

# ତୈଳ ଦର ବୃଦ୍ଧି ଓ ବେକାରୀ ସମସ୍ୟା ପ୍ରସଙ୍ଗରେ ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୨/୦୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସ୍ୱାଗତ କରଙ୍କ ନେତୃତ୍ୱରେ ତୈଳ ଦର ବୃଦ୍ଧି ଓ ବେକାରୀ ସମସ୍ୟା ପ୍ରସଙ୍ଗରେ ସୋମବାର ଜଟଣୀ ହରିଭାଇନା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଭାପତି ଶ୍ରୀ କର କହିଥିଲେ ଯେ ଉଭୟ ମୋଦି ଓ ନବୀନ ସରକାର ତୈଳ ଦର ବୃଦ୍ଧି କରି ସାଧାରଣ ଜନତାଙ୍କର ତଂଟି ଚିପି ଅର୍ଥ ଆଦାୟ କରୁଛନ୍ତି । ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଦି ଓ ନବୀନ ଟ୍ୟାକ୍ସ ବସିବା ଫଳରେ ଆଜି ଉଭୟ ତୈଳ ଦର ୧୦୦ ଟଙ୍କାରେ ପହଂଚିଛି । ରନ୍ଧନ ଗ୍ୟାସର ଦର ମଧ ଆକାଶଛୁଆଁ । ପେଟ୍ରୋଲରେ ରାଜ୍ୟ ସରକାର ୨୧ ଟଙ୍କା ଓ ଡିଜେଲରେ ୧୮ ଟଙ୍କା ଟିକସ ନେଉଥିବା ବେଳେ କେନ୍ଦ୍ର ସରକାର ଯଥାକ୍ରମେ ୩୩ ଟଙ୍କା ଏବଂ ୩୨ ଟଙ୍କା ଟିକସ ନେଉଛନ୍ତି । ହାଣ୍ଡିଶାଳରେ, ଛକ ବଜାରରେ, ରାସ୍ତା ଘାଟରେ ଏହା ବିରୁଦ୍ଧରେ ବିପ୍ଳବ ହେବାର ଆଶବ୍ୟକତା ରହିଛି । ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ଏବଂ ନବୀନ ପଟ୍ଟନାୟକ ନିର୍ବାଚନୀ ଇସ୍ତାହାରରେ ଉଭୟ ଯଥାକ୍ରମେ ୨ କୋଟି ଓ ୨ ଲକ୍ଷ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲେ । ଆଜି ଦେଶରେ ୩୦ କୋଟି ଏବଂ ରାଜ୍ୟରେ ୪୨ ଲକ୍ଷ ଯୁବକ ଯୁବତୀ ରାଜରାସ୍ତାରେ ନିଯୁକ୍ତି ପାଇଁ ଚିତ୍କାର କରୁଛନ୍ତି । ଉଭୟ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ ରାଜ୍ୟ ଓ ଦେଶର ଯୁବକ ଯୁବତୀଙ୍କୁ ପ୍ରତାରଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ ଯେ ଭୁବନେଶ୍ୱରର ନାକ ତଳେ ଖୋର୍ଦ୍ଧା ଜିଲ୍ଲା ହୋଇଥିବା ବେଳେ ୨୧ ବର୍ଷର ନବୀନ ଶାସନ ଏବଂ ୭ ବର୍ଷର ମୋଦି ଶାସନ ଖୋର୍ଦ୍ଧା ଜିଲ୍ଲା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି । ନବୀନ ସରକାରଙ୍କ ଶାସନରେ ଖୋର୍ଦ୍ଧା ଜିଲ୍ଲାର ଯୁବକ ଯୁବତୀମାନେ ନିଯୁକ୍ତି ଦିଆଯାଉନାହିଁ । ଏଠିକାର ମୂଲ୍ୟମାନ ଜମିକୁ ସରକାର ଜବରଦଖଲ କରି ତାଙ୍କର କର୍ପୋରେଟ୍ ବନ୍ଧୁମାନଙ୍କୁ ଶାଗମାଛ ଦରରେ ଦେଇ ଦେଉଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଯୁବକଯୁବତୀମାନେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରିବା ପାଇଁ ଶ୍ରୀ ରାଉତରାୟ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ତଥା ଯୁବ କଂଗ୍ରେସ ସାଧାରଣ ସଂପାଦକ ଦେବଦତ୍ତ ପାତ୍ର, ପ୍ରକାଶ ମିଶ୍ର, ରଂଜିତ ପାତ୍ର, କଳିଙ୍ଗ ସାହୁ, ବଟକୃଷ୍ଣ ରାଉତରାୟ, ଜୟକୃଷ୍ଣ ପଟନାୟକ, ମଂଟୁ ସାହୁ, ସୁକାନ୍ତ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବିଜେପିର କର୍ମୀ ସମ୍ମିଳନୀ ଅନୁଷ୍ଠିତ




ଭଦ୍ରକ,୨୨/୦୩ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର ଇଚ୍ଛାପୁର ଠାରେ ବିଜେପିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନ, ପୌରପାଳିକା ନିର୍ବାଚନରେ ଦଳ କିପରି ନିଜର ପରାକାଷ୍ଠା ପ୍ରତିପାଦନ କରିବ ସେ ନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରାଯାଇଥିଲା । ବୁଥ ସ୍ତରରୁ କର୍ମୀମାନଙ୍କୁ ସୁଦୃଢ କରି ମଣ୍ଡଳ, ବିଧାନସଭା ନିର୍ବାଚନ ମଣ୍ଡଳ ତଥା ଜିଲ୍ଲା ସ୍ତରରେ ବିଜେପି ଯେପରି ପୂର୍ବ ସ୍ଥିତି ଠାରୁ ଅଧିକ ଉନ୍ନତ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କର୍ମୀ ସମାବେଶରେ ଜିଲ୍ଲା ସଭାପତି ହେମନ୍ତ ପାଢୀ ପୌରୋହିତ୍ୟ କରିଥିବା ବେଳେ ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ, ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ପ୍ରଦିପ ନାୟକ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସନ୍ନ ଦାସ, ଜିଲ୍ଲା ପରିଷଦ ସଭ୍ୟ ମନୋରଂଜନ ମଲ୍ଲିକ, ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ଯୁବ ମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠା ଓ ଅନ୍ୟ ନେତୃମଣ୍ଡଳୀ ଯୋଗ ଦେଇ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।

## ୬୦ ରାଜପଥର ସବୁ ବାଇପାସ୍ ରାସ୍ତା ମରଣଯନ୍ତା

ଜଳେଶ୍ୱର, ୨୨/୩ (ନିପ୍ର) : ୬୦ନଂ ଜାତୀୟ ରାଜପଥରୁ ବାହାରିଥିବା ସମସ୍ତ ବାଇପାସ୍ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । ୬୦ନଂ ଜାତୀୟ ରାଜପଥରୁ ବାହାରିଥିବା ଅଗ୍ରୱାଲା ଛକ, ହସ୍‌ପିଟାଲ ବାଇପାସ୍, ଓପିଟିସି ନିକଟ ବାଇପାସ୍, ପଶ୍ଚିମବାର୍ଡ ରୋଡ ବାଇପାସ୍, ଜମାଲପୁର ରୋଡ ବାଇପାସ୍, ଚାଲନ୍ତି -ଏକତାଳି ବାଇପାସ୍‌ର ରାସ୍ତାଗୁଡିକରେ ବଡବଡ ଗର୍ତ୍ତ ସୃଷ୍ଟିହୋଇଛି । ଗର୍ତ୍ତ ହୋଇଥିବା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ଏ ସବୁର ମରାମତି ହେବାକୁ ନିୟମ ଥିବା ବେଳେ ତାହା ହେଉନାହିଁ । ରାଜପଥରେ ଓଜନଦାର ବଡବଡ ଯାନ ଚଳାଚଳ କରୁଥିବା ବେଳେ ବାଇପାସ୍‌ରୋଡ ଯୋଗେ ଅନ୍ୟ ରାସ୍ତାକୁ ଗଲାବେଳେ ରାସ୍ତାର ଦୂରାବସ୍ଥା ବଢୁଛି । ବାଇପାସ୍ ରାସ୍ତା ଗୁଡିକ ଶକ୍ତ ଓ ସୁଦୃଢ ହେବାକୁ ବିଭିନ୍ନ ସମୟରେ ଦାବି ହେଉଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସହଦେବଖୁଣ୍ଟା କ୍ରିକେଟ କ୍ଲବର ବାର୍ଷିକ ଉତ୍ସବ

## କ୍ଲବର ଜନହିତକର କାର୍ଯ୍ୟଧାରାକୁ ମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା

ବାଲେଶ୍ୱର,୨୨/୦୩ (ନି.ପ୍ର): ସହଦେବଖୁଣ୍ଟା କ୍ରିକେଟ୍ କ୍ଲବର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ କ୍ଲବର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । କ୍ରିକେଟ ସହ ସମାଜସେବା କ୍ଷେତ୍ରରେ କ୍ଲବର ଭୂମିକାକୁ ମନ୍ତ୍ରୀ ଶ୍ରୀ ଜେନା ଉଚ୍ଚ ପ୍ରଶଂସା କରିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ଖେଳ ସାଙ୍ଗକୁ ସମାଜସେବା କ୍ଷେତ୍ରରେ ଏହି କ୍ଲବ ଦୀର୍ଘ ୨୬ ବର୍ଷ ମଧ୍ୟରେ ଗୌରବମୟ ଇତିହାସ ସୃଷ୍ଟି କରିପାରିଛି ବୋଲି କହିଥିଲେ । କ୍ଲବର ସଭାପତି ଅଜୟ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ଆଶାକର୍ମୀ, ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ସାହିରୁଲ ହକ୍, ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତ, ବୀରେନ୍ଦ୍ର କୁମାର ବେହେରା, ଶିକ୍ଷୟତ୍ରୀ କଳ୍ପନା ପଟ୍ଟନାୟକ, ସମାଜସେବୀ ସମାପିକା ପରିଡା, ଯୁବ ସଂଗଠକ ଶୈଳେନ୍ଦ୍ର ସିଂହ ବିନୁ ଓ ବିଶିଷ୍ଟ ବ୍ୟବସାୟୀ ଅରୂପ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଚିତାକର୍ଷକ ସଙ୍ଗୀତ ପରିବେଷଣ ପାଇଁ ବାଲେଶ୍ୱରର ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରଭୁପାଦଙ୍କୁ ମନ୍ତ୍ରୀ ଶ୍ରୀ ଜେନା ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସଭାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ସହଦେବଖୁଣ୍ଟା କ୍ରିକେଟ୍ କ୍ଲବର ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅଶୋକ ଦାସ, ସନ୍ତୋଷ ମହାନ୍ତି, ବିସ୍ମୟ ବେଜ, ସୁଧାଂଶୁ ପଣ୍ଡା, ଦେବବ୍ରତ ପାଲ, ରାଜେଶ ରଣା, ସମୀର ସାହା, ସଞ୍ଜୟ ମିଶ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଆଜି ବିଧାନସଭାରେ ମହାତ୍ମା ଗାନ୍ଧି ଆଲୋଚନା

ଭୁବନେଶ୍ୱର,୨୨/୦୩ (ନି.ପ୍ର): ମହାତ୍ମା ଗାନ୍ଧିଙ୍କ ଓଡିଶା ଆଗମନକୁ ଆସନ୍ତାକାଲି (ମଙ୍ଗଳବାର)ଶହେ ବର୍ଷ ପୂରଣ ହେବାକୁ ଯାଉଛି । ଏହି ଉପଲକ୍ଷେ ଗୃହରେ ସ୍ୱତନ୍ତ୍ର ଆଲୋଚନା ହେବ । ଏଥିନେଇ ସର୍ବ ଦଳୀୟ ବୈଠକରେ ନିଷ୍ପତି ହୋଇଛି ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି । ନିଷ୍ପତି ଅନୁଯାୟୀ ମଙ୍ଗଳବାର ଦିନ ବିଧାନସଭାରେ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ ଟା ୩୦ ପର୍ଯ୍ୟନ୍ତ ଗାନ୍ଧିଙ୍କ ବିଷୟରେ ଆଲୋଚନା କରାଯିବ ଏବଂ ସଂକଳ୍ପ ଅଣାଯିବ ।

## ବିଧାୟକଙ୍କ ଦ୍ୱାରା ଝାଡ଼େଶ୍ୱର ମନ୍ଦିର ପାର୍ଶ୍ୱ ପ୍ରୋଟେକ୍ସନ ୱାଲର ଶିଳାନ୍ୟାସ



ବାଲେଶ୍ୱର,୨୨/୦୩ (ନି.ପ୍ର): ବାଲେଶ୍ୱର ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣଧୀନ ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରୁ ଜିଲା ପ୍ରାଣୀଧନ ଚିକିତ୍ସାଳୟ ପର୍ଯ୍ୟନ୍ତ ରାସ୍ତାର ଝାଡେଶ୍ୱର ମନ୍ଦିର ନିକଟରେ ପ୍ରୋଟେକସନ ୱାଲ ନିର୍ମାଣ ପାଇଁ ସୋମବାର ଶିଳାନ୍ୟାସ ଦିଆଯାଇଛି । ଝାଡେଶ୍ୱର ମନ୍ଦିର ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି କାର୍ଯ୍ୟ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାସ୍ତା ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଝାଡେଶ୍ୱର ମନ୍ଦିର ପୋଖରୀ ଏହି ରାସ୍ତା ପାଇଁ ବିପଦ ସୃଷ୍ଟି କରୁଛି । ପୋଖରୀ ସୀମାକୁ ଲାଗିଥିବା ଏହି ରାସ୍ତା ତଳୁ ମାଟି ଧସୁଥିବା ଯୋଗୁଁ ସେଠାରେ ଏକ ପ୍ରୋଟେକସନ ୱାଲ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଥିଲା । ସେହି କ୍ରମରେ ପୂର୍ତ୍ତବିଭାଗ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ । ଏଥି ନିମନ୍ତେ ପୂର୍ତ୍ତ ବିଭାଗର ଅଣଯୋଜନା ପାଣ୍ଠିରୁ ୧୧ ଲକ୍ଷ ୧୩ ହଜାର ୭୪୮ ଟଙ୍କା ଅଟକଳରେ ଏହି କାର୍ଯ୍ୟ କରାଯିବ ବୋଲି ସେଠାରେ ଉପସ୍ଥିତ ସହକାରୀ ଯନ୍ତ୍ରୀ ରମେଶ ପାଣିଗ୍ରାହୀ କହିଥିଲେ । ଝାଡ଼େଶ୍ୱର ମନ୍ଦିରର ପୋଖରୀକୁ ଲାଗିଥିବା ରାସ୍ତାର ୫୦ ମିଟର ଲମ୍ବରଏହି ପ୍ରୋଟେକସନ ୱାଲ ନିର୍ମାଣ ହେବ ବୋଲି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରପାଳ ଆଲୋକ ସାହୁ, ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମକେସିଜିରେ ଖୋଲିବ ଗ୍ୟାଷ୍ଟ୍ରୋଂଟେରୋଲୋଜି

ଭୁବନେଶ୍ୱର,୨୨/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବ୍ରହ୍ମପୁରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍‌ପିଟାଲରେ ଗ୍ୟାଷ୍ଟ୍ରୋଂ-ଟେରୋଲୋଜି ବିଭାଗ ଖୋଲିବାକୁ ଯାଉଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ଉଭୟ ସର୍ଜିକାଲ ଓ ମେଡିକାଲ ଗ୍ୟାଷ୍ଟ୍ରୋଂ-ଟେରୋଲୋଜି ପାଇଁ ୧୯ଟି ଶୈକ୍ଷିକ ଓ ଅଣଶୈକ୍ଷିକ ପଦବୀକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏମକେସିଜି ମେଡିକାଲ କଲେଜରେ ଉପରୋକ୍ତ ଦୁଇ ସୁପର ସ୍ପେଶାଲିଟି ବିଭାଗ ଖୋଲିବା ଫଳରେ ସମଗ୍ର ଦକ୍ଷିଣ ଓଡିଶାର ଜନସାଧାରଣ ବିଶେଷ ଭାବରେ ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବର୍ତମାନ ବ୍ରହ୍ମପୁରରେ ଏହି ଅତ୍ୟାଧୁନିକ ସୁପର ସ୍ପେଶାଲିଟି ଚିକିତ୍ସା ସୁବିଧା ଉପଲବ୍‌ଧ ହେବା ଦ୍ୱାରା ଦକ୍ଷିଣ ଓଡିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ନୂଆ ଯୁଗର ଆରମ୍ଭ ହୋଇଛି । ଏମକେସିଜି ମେଡିକାଲ କଲେଜ, ବ୍ରହ୍ମପୁର ରାଜ୍ୟର ବିଶେଷକରି ଦକ୍ଷିଣ ଓଡିଶାର ଅଗ୍ରଣୀ ଚିକିତ୍ସା ପ୍ରତିଷ୍ଠାନ ଭାବରେ ସୁପରିଚିତ । ଦକ୍ଷିଣ ଓଡିଶାର ଜନସାଧାରଣଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ବର୍ତମାନ ଏହି ସୁପର ସ୍ପେଶାଲିଟି ବିଭାଗ ଖୋଲିବା ଦ୍ୱାରା ଜନସାଧାରଣଙ୍କ ଅସୁବିଧା ଦୂର ହେବ ।

# ସିପିଏମ୍‌ର ଭାରତ ବନ୍ଦଲାଗି ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୨୨/୩ (ନିପ୍ର) : କଳାକୃଷି ଆଇନ୍ ପ୍ରତ୍ୟାହାର, ସମସ୍ତ ଟ୍ରେନ୍ ଚଳାଚଳ ଆରମ୍ଭ, ବ୍ୟାଙ୍କ, ବୀମା ଘରୋଇକରଣ ବନ୍ଦ, ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ଦରବୃଦ୍ଧି ପତିବାଦରେ ଆସନ୍ତା ୨୬ ତାରିଖରେ ହେବାକୁଥିବା ଦେଶବ୍ୟାପି ଧର୍ମଘଟ ଲାଗି ଆଜି ପ୍ରସ୍ତୁତି ବୈଠକ ଜଳେଶ୍ୱର ଏଲ୍‌ଆଇସୀ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଜିତ୍ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସଂପାଦକ ଦିଲ୍ଲିପ ଗିରି, କମଳ ଚକ୍ରବର୍ତ୍ତୀ, ମଦନ ମହାଲ, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଲୁ ଦାସ, ଶିତାଂଶୁ ସେନାପତି, ମନୋରଂଜନ ଦାସ, ରବିନ୍ଦ୍ର ବାରିକ, ଭାସ୍କର ମିଶ୍ର, ଜ୍ୟୋତିଶ ଚନ୍ଦ୍ର କର, ଅଶୋକ ଜେନା, ଜିତାଂଶୁ ନନ୍ଦି, ମନୋରଂଜନ ଦାସ, ବଂଶୀଧର ବାରିକ, ଡ. ଅଜିତ୍ ମହାନ୍ତି, ଖଗେନ୍ଦ୍ର ସାହୁ, କ୍ରିଷ୍ଣାକୁମାର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ବନଦିବସ ପାଳନ ଅବସରରେ ଆମ୍ବଡ଼ିହା କଲୋନି ପ୍ରାଥମିକ ବିଦ୍ୟାଳୟ ହେଲା ପୁରସ୍କୃତ



ଉଦଳା, ୨୨/୦୩(ନି.ପ୍ର) କପ୍ତିପଦା ଉପଖଣ୍ଡର ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଆମ୍ବଡ଼ିହା ପୁନର୍ବସତି କଲୋନି ପ୍ରାଥମିକ ବିଦ୍ୟାଳୟକୁ ଚଳିତ ବର୍ଷ ବିଶ୍ୱ ବନଦିବସ ପାଳନ ଅବସରରେ ପୁରସ୍କୃତ କରାଯାଇଛି । ଏହି ଅବସରରେ ଜିଲ୍ଲାର ସଦର ମହକୁମା ବାରିପଦା ଠାରେ ଡ଼ିଏଫଓଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଗହଣରେ ମାର୍ଚ୍ଚ ୨୧ ତାରିଖ ରବିବାର ଦିନ ଆୟୋଜିତ ଉତ୍ସବରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ରାଧାମଣି ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଏକ ମାନପତ୍ର ସହ ୧୦ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ପରିବେଶର ସୁରକ୍ଷା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ଓ ସଚେତନତାର ବାର୍ତ୍ତା ବାଣ୍ଟିଥିବା ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ପୂର୍ବରୁ ମଧ ପ୍ରଧାନ ଶିକ୍ଷୟିତ୍ରି ଶ୍ରୀମତୀ ମହାପାତ୍ର ପ୍ରକୃତିବନ୍ଧୁ ପୁରସ୍କାର ପାଇଥିଲେ । ଏହି ପୁରସ୍କାର ପରିବେଶ ସୁରକ୍ଷା କ୍ଷେତ୍ରରେ କୌଣସି ବ୍ୟକ୍ତି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ମିଳିଥାଏ ।

# ନୂତନ ଶ୍ରମ ଆଇନକୁ ବିରୋଧ : ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୨୨/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନକୁ ବିରୋଧ କରି ଏଆଇଟିୟୁସି ନେତୃତ୍ୱରେ ବିଭିନ୍ନ ଶ୍ରମିକ ସଂଗଠନଙ୍କ ମିଳିତ ବିକ୍ଷୋଭ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରମିକଙ୍କ ଶୋଭାଯାତ୍ରା ବାଲେଶ୍ୱର ରେଳଷ୍ଟେସନରୁ ବାହାରି ସହର ପରିକ୍ରମା ସହ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଅଧକ୍ଷତା କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ତୀବ୍ର ସମାଲୋଚନା କରିଥିଲେ । ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ପୁଞ୍ଜିପତଙ୍କ ସପକ୍ଷରେ ଶ୍ରମ ଆଇନ ସଂଶୋଧନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ପ୍ରତିହାରୀ ମତ ପ୍ରକାଶ କରିଥିଲେ । ୪୪ଟି ଶ୍ରମ ଆଇନକୁ ସଂଶୋଧନ କରି ୪ଟି କୋର୍ଡ଼ରେ ପରିଣତ କରିବାରେ ଶ୍ରମିକଙ୍କ ଅଧିକାରକୁ ସଂକୁଚିତ ସହ ଶିଳ୍ପପତି ଓ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ହୋଇଥିବା ସେ କହିଥିଲେ । ଏଆଇଟିୟସି ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମାୟାଧର ନାୟକ, ଅଙ୍ଗନୱାଡ଼ି ସଂଘର ଜିଲା ସଂପାଦିକା ଗୌରୀ ଦାସ, ରିକ୍ସା ଚାଳକ ସଂଘର ସଂପାଦକ ସେକ ସଲ୍ଲାଉଦ୍ଦିନ, ବିଦ୍ୟୁତ ଶ୍ରମିକ ନେତା ଜଗଦୀଶ ବେହେରା, ନିର୍ମାଣ ଶ୍ରମିକ ସଂଘର ଜିଲା ସଂପାଦକ ଅନାମ ପ୍ରସାଦ ବାରିକ, ପାଚିକା ସଂଘର ସଂପାଦିକା ଲକ୍ଷ୍ମୀ ପାଣିଗ୍ରାହୀ, ଉଠା ଜଳସେଚନ କର୍ମଚାରୀ ସଂଘର ସହ-ସଂପାଦକ ଶରତ ଚନ୍ଦ୍ର ଦଳାଇ, ମଧୁସୂଦନ ଜେନାଙ୍କ ସମେତ ସିପିଆଇ ଜିଲା ସଂପାଦକ ନିରଞ୍ଜନ ବାରିକ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ସମସ୍ତ ଜନବିରୋଧୀ ଆଇନକୁ ପ୍ରତିବାଦ କରିଥିଲେ । ଉଲ୍ଲେଖନୀୟ ବିଷୟ ହେଲା ସଂସଦରେ ବିଜେଡ଼ି ଏହି ଆଇନକୁ ସମର୍ଥନ କରୁଛି ଓ ରାଜ୍ୟରେ ସେହି କଳା ଆଇନକୁ କାର୍ଯ୍ୟକାରୀ କରୁଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ଜିଲା ଶ୍ରମ ଦପ୍ତରରେ ଅଧିକାରୀ ଓ କର୍ମଚାରୀ ଅଭାବ ଥିବାବେଳେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଏବଂ ସହାୟତାକୁ ଦଲାଲମାନେ ଦଖଲ କରିନେଇଛନ୍ତି । କରୋନା କାରଣରୁ ଯାନବାହନ ଚଳାଚଳ ଓ ଅଫିସ ବନ୍ଦ କଟକଣା ଥିବାବେଳେ ପ୍ରାୟ ୫୦ହଜାର ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି । ଜିଲ୍ଲାପାଳଙ୍କୁ ଏ ବିଷୟରେ ଶ୍ରମିକ ସଂଘମାନେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଅବସର ପରେ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ପରିଚାଳିତ ଭବିଷ୍ୟନିଧି ସଂସ୍ଥା ମାସିକ ମାତ୍ର ଏକହଜାର ଟଙ୍କା ପେନସନ ଦେଉଛି । ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ୍ ଓ ମହଙ୍ଗା ଭତ୍ତା ଦାବିକୁ କେନ୍ଦ୍ର ସରକାର ବିଚାରକୁ ନେଉନାହାନ୍ତି । ଅଙ୍ଗନୱାଡ଼ି, ଆଶା, ପାଚିକାମାନଙ୍କ ବାବଦରେ ଚଳିତ ବଜେଟରେ ଅର୍ଥହ୍ରାସ କରିଛନ୍ତି । ପେଟ୍ରୋଲ, ଡିଜେଲ୍, ଜାଳେଣିଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ଜନଜୀବନକୁ ଅତିଷ୍ଠ କଲାଣି । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି ହୋଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo